


ବକ୍ସିଂ ଗ୍ଲୋଭ୍ସ ବୁଢ଼ିଆଣୀ

# ଗୋଡ଼ରେ ନିଃଶ୍ୱାସ ନିଏ, ପଞ୍ଝାରେ ଖାଏ

ପୃଥିବୀରେ ହଜାରେରୁ ଅଧିକ ପ୍ରଜାତିର ସମୁଦ୍ର ବୁଢ଼ିଆଣୀ (ସି ସ୍ପାଇଡର) ରହିଥିବା ବେଳେ ନିକଟରେ ଜେନ୍ସିଆ ମିଚିଗାନ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏକ ନୂଆ ପ୍ରଜାତିର ବୁଢ଼ିଆଣୀ ଆବିଷ୍କାର କରିଛନ୍ତି ଯାହାର ବକ୍ସିଂ ଗ୍ଲୋଭ୍ସ ପରି ପଞ୍ଝା ରହିଛି। ବିଶେଷ କରି ଆଂଟାର୍କଟିକା ଅଂଚଳରେ ଦେଖାଯାଉଥିବା ଏହି ସାମୁଦ୍ରିକ ଜୀବର ବିଚିତ୍ର ହଳଦିଆ ରଙ୍ଗର ଶରୀରରେ ଚାରିଟି କଳା ଆଖି ରହିଛି।



'ଅଷ୍ଟୋପାଲିନ୍ ହାଲାରିଟି' ନାମକ ଏହି ପ୍ରଜାତିର ବୁଢ଼ିଆଣୀଗୁଡ଼ିକର ଅଶ୍ୱଖୁରାକୃତି କଙ୍କଡ଼ା, ମାଙ୍କଡ଼ଶା ଓ ଜଙ୍ଗଡ଼ା ବିଛା ସହିତ ଦୂର ସମ୍ପର୍କ ରହିଥିବା ଅନୁମାନ କରାଯାଏ। ରସ୍ ସାଗରର ୫୭୦ ମିଟର ପାଣି ତଳେ ସମୁଦ୍ରଶଯ୍ୟାରୁ ଆବିଷ୍କୃତ ଏହି ବୁଢ଼ିଆଣୀର ଅଦ୍ଭୁତ ଖାଇବା ଓ ଶ୍ୱାସକ୍ରିୟା ଶୈଳୀ ସମ୍ପର୍କରେ ମଧ୍ୟ ବୈଜ୍ଞାନିକମାନେ ଜାଣିବାକୁ ପାଇଛନ୍ତି। ସେମାନେ ପାଟି ପରିବର୍ତ୍ତେ ନଡ଼ା ପରି ଲମ୍ବିଥିବା ଏକ ଅଙ୍ଗରେ ଖାଦ୍ୟ ଗ୍ରହଣ କରୁଥିବା ବେଳେ ଗୋଡ଼ ବାଟେ ନିଃଶ୍ୱାସପ୍ରଶ୍ୱାସ କରିଥା'ନ୍ତି। ବକ୍ସିଂ ଗ୍ଲୋଭ୍ସ ପରି ଫୁଲକା ଦିଶୁଥିବା ଗୋଡ଼ର ପଞ୍ଝାରେ ସେମାନେ ବିଭିନ୍ନ କୀଟଙ୍କୁ ଧରି ଖାଦ୍ୟ ଭାବେ ଗ୍ରହଣ କରିଥା'ନ୍ତି। ଏହାର ମୁଖ୍ୟ ଶରୀରର ଆକାର ଏକ ସେଂଟିମିଟର ହୋଇଥିବା ବେଳେ ଗୋଡ଼ଗୁଡ଼ିକ ପ୍ରାୟ ତିନି ସେଂଟିମିଟର ଲମ୍ୱା। ଆଂଟାର୍କଟିକାର ସମୁଦ୍ରଶଯ୍ୟା ପରିବେଶରେ ଏଭଳି ଅନେକ ଅନାବିଷ୍କୃତ ଜୀବ ଥାଇପାରନ୍ତି ବୋଲି ଗବେଷକ ଦଳର ମୁଖ୍ୟ ଆଣ୍ଡ୍ରୁ ମାହନ୍ କହିଛନ୍ତି।

# ବାଲାଜୀଙ୍କ ମନ୍ଦିରରେ ଦୀପିକା

ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ତାଙ୍କର ଆଗାମୀ ଫିଲ୍ମ 'ଫାଇଟର' ରିଲିଜ୍ ପୂର୍ବରୁ ତିରୁପତି ବାଲାଜୀଙ୍କ ଦର୍ଶନ ପାଇଁ ଯାଇଥିଲେ। ଦୀପିକା ତାଙ୍କ ବାପା, ମା' ଓ ଭଉଣୀଙ୍କ ସହିତ ମନ୍ଦିର ପରିଦର୍ଶନ କରିଥିଲେ। ନିକଟରେ ଦୀପିକାଙ୍କ ତିରୁପତି ମନ୍ଦିର ପରିଦର୍ଶନର ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେଉଛି। ଏହି ସମୟରେ ଦୀପିକା ପାରମ୍ପରିକ ପୋଷାକରେ ଦେଖାଯାଇଥିଲେ। ସେ ଧଳା ରଙ୍ଗର ଏକ ଚୁଡ଼ିଦାର ପିନ୍ଧିଥିବାବେଳେ ଉପରେ ଲାଲ୍ ରଙ୍ଗର ଏକ ଚୁନରି ଢାଙ୍କି ହୋଇଥିଲେ। ଇତିମଧ୍ୟରେ 'ଫାଇଟ'ର ପ୍ରଥମ ଗୀତ 'ସେର ଖୁଲ୍ ଗଏ' ରିଲିଜ୍ ହୋଇଛି। ଏହି ଗୀତରେ ଦୀପିକା ଓ ଫିଲ୍ମର ହିରୋ ହୃତିକ୍ ରୋଶନଙ୍କ ମଧ୍ୟରେ ଜବରଦସ୍ତ କେମେଷ୍ଟ୍ରି ଦେଖିବାକୁ ମିଳିଛି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ 'ଫାଇଟର' ୨୫ ଜାନୁଆରୀ, ୨୦୨୪ରେ ମୁକ୍ତିଲାଭ କରିବ। ଦେଶଭକ୍ତି ପୃଷ୍ଠଭୂମିରେ ନିର୍ମିତ ଏହି ଚଳଚ୍ଚିତ୍ରରେ ଦୀପିକା, ହୃତିକ୍ ଓ କରନ୍ ସିଂହ ଗ୍ରୋଭର ସ୍କ୍ୱାର୍ଡନ ଲିଡର ଭାବେ ଦେଖାଯିବେ। ଏହାପୂର୍ବରୁ ଫିଲ୍ମର ଟିଜର ଜାରି ହୋଇଥିଲା। ଏହା ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଛି।





# ନୂତନ ପିଢ଼ିର ନାୟକନାୟିକାଙ୍କଠାରେ ଆତ୍ମବିଶ୍ୱାସ କମ୍

କିରନ ଜୋହରଙ୍କର ଚର୍ଚ୍ଚିତ ଓ ବିବାଦୀୟ ଟକ୍ ସୋ' 'କଫି ଉଇଥ୍ କରନ୍'ର ଗୋଟିଏ ସଦ୍ୟ ଏପିସୋଡ୍‌ରେ ଅତିଥି ହୋଇ ଆସିଥିଲେ ଅଭିନେତା ଅଜୟ ଦେବଗନ୍ ଓ ନିର୍ଦ୍ଦେଶକ ରୋହିତ ସେଟ୍ଟୀ। କଥା ଭିତରେ କରନ୍ ବଲିଉଡ୍‌ର ନୂଆପିଢ଼ି କଳାକାରମାନଙ୍କ ପ୍ରସଙ୍ଗ ଉଠାଇଥିଲେ। କରନ ପଚାରିଥିଲେ, ''ନୂଆପିଢ଼ିର ତାରକାମାନେ ବହୁତ ଭାବୁଛନ୍ତି ବୋଲି ଆପଣମାନେ ଭାବୁନାହାନ୍ତି କି? ପୂର୍ବେ ଆପଣ ବହୁତ ସହଜରେ ଏକାବେଳକେ ସମାନ୍ତରାଳ ଭାବେ ୨-୩ଟି ଫିଲ୍ମରେ ଅଭିନୟ କରୁଥିଲେ। ଇଏ ସେତେବେଳେ ବହୁତ ସ୍ୱାଭାବିକ କଥା ଥିଲା। କିନ୍ତୁ ଏବେକାର ନବାଗତମାନେ ସେକଥା ଚିନ୍ତା ବି କରି ପାରୁନାହାନ୍ତି। ଏମିତିକି ଗୋଟିଏ ଫିଲ୍ମରେ ସେମାନେ ଅଭିନୟ କରିବେ କି ନାହିଁ, ନିଷ୍ପତ୍ତି ନେବାକୁ ୩ ବର୍ଷ ଚିନ୍ତା କରୁଛନ୍ତି...'' ଏହାର ଉତ୍ତରରେ ଅଜୟ କହିଥିଲେ, ''ସେମାନଙ୍କର ଅସୁରକ୍ଷିତ ଭାବ ବହୁତ ଅଧିକ। ସେମାନେ ଏମିତିକି ସୋସିଆଲ୍ ମିଡିଆରୁ ଓ ସେମାନେ ଚିହ୍ନି ନଥିବା ଲୋକଙ୍କଠାରୁ ମଧ୍ୟ ସ୍ୱୀକୃତି ଓ ଅନୁମୋଦନ ଚାହୁଁଛନ୍ତି। ଏସବୁ ନହେଲେ ସେମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏମିତି କାହିଁକି ହେଉଛି, ମୁଁ ଜାଣିନି। ହୁଏତ ଇଏ ଏଇ ସମୟର କଥା।'' ଅଜୟଙ୍କର କଥା ସତ। ତେବେ ନୂଆପିଢ଼ି ଭିତରେ ଥିବା ଅସୁରକ୍ଷିତ ଭାବନା ମଧ୍ୟ ଅଯୌକ୍ତିକ ନୁହେଁ। ପୂର୍ବେ ହିରୋମାନେ ପାଉଣାକୁ ଦେଖି ଅନ୍ଧାଧୁନ୍ଧ ଫିଲ୍ମ ସାଇନ୍ କରୁଥିଲେ, ଦିନକୁ ୪ଟି ଫିଲ୍ମର ୪ ସିଫ୍ଟରେ ବି କାମ କରୁଥିଲେ। ଉଦାହରଣ ସ୍ୱରୂପ, ଏ ସମୟର ଦର୍ଶକ ବିଶ୍ୱାସ ମଧ୍ୟ କରିବେନି ଯେ ଏମିତି ସମୟ ବି ଥିଲା, ଯେତେବେଳେ ବର୍ଷସାରା ପ୍ରତି ସପ୍ତାହରେ ମିଥୁନ୍ ଚକ୍ରବର୍ତ୍ତୀଙ୍କର ଗୋଟିଏ ଗୋଟିଏ ଫିଲ୍ମ ରିଲିଜ୍ ହେଉଥିଲା। ଏମିତି ବି ସପ୍ତାହ ଆସୁଥିଲା, ଯେବେ ଗୋଟିଏ ସପ୍ତାହରେ, ଅର୍ଥାତ୍ ଗୋଟିଏ ଦିନରେ ତାଙ୍କର ଦୁଇଟି ଫିଲ୍ମ ରିଲିଜ ହୋଇଛି। କହିବା ଅନାବଶ୍ୟକ, ସେଗୁଡ଼ିକ ଯେ ସବୁ ସୁପର୍ ହିଟ୍ ହେଉଥିଲା, ସେମିତି ନୁହେଁ। କିନ୍ତୁ ଫିଲ୍ମ ଚାଲୁଥିଲା, ଆହୁରି ସେମିତି ଫିଲ୍ମ ପ୍ରଯୋଜକମାନେ ତିଆରୁଥିଲେ ଓ କଳାକାରମାନେ ସେଥିରେ ବିନା ଭୟରେ ଅଭିନୟ କରୁଥିଲେ। ବ୍ୟବସାୟ ଚାଲିଥିଲା। ଏମିତି ବି ସମୟ ଆସିଥିଲା, ଯେବେ ଜଣେ ଜଣେ ହିରୋଙ୍କର ୧୦-୧୨ ଫିଲ୍ମ ଧାଡ଼ିବାନ୍ଧି ଗୋଟିଏ ପରେ ଗୋଟିଏ ଫ୍ଲପ୍ ହେଉଥିଲା। କିନ୍ତୁ ସେଥିରେ ଭ୍ରୂକ୍ଷେପ ହେଉ ନଥିଲା କି ସେ ହିରୋର କ୍ୟାରିୟର୍ ସରି ଯାଉ ନଥିଲା। କିନ୍ତୁ ଏବେ ସବୁଠୁ ବଡ଼ ତାରକା କୁହା ଯାଉଥିବା ଶାହରୁଖ୍ ଖାଁ କି ସଲମାନ୍ ଖାଁଙ୍କର ବି ୧୦-୧୨ ଫିଲ୍ମ ଗୋଟିଏ ପରେ ଗୋଟିଏ ଫ୍ଲପ୍ ହେଲେ ସେମାନଙ୍କ ଅବସ୍ଥା କ'ଣ ହେବ, ଆପଣ ଅନୁମାନ କରି ପାରୁଛନ୍ତି?

# ଧାନ କ୍ଷେତ ପାଲଟିଛି ଜୀବନ୍ତ କଳାକୃତି

ଉତ୍ତର ଥାଇଲାଣ୍ଡର ଚିଆଙ୍ଗ ରାଇ ପ୍ରଦେଶର ଧାନ ଚାଷୀ ତାନ୍ୟାପୋଙ୍ଗ ଜୈଖାମ୍ ତାଙ୍କ ଧାନକ୍ଷେତକୁ ଜୀବନ୍ତ କଳାକୃତିରେ ପରିଣତ କରିଛନ୍ତି। ବିଭିନ୍ନ ପ୍ରକାର ରଙ୍ଗିନ ଚାରା ସାହାଯ୍ୟରେ ସେ ତାଙ୍କର ଧାନକ୍ଷେତକୁ ଏଭଳି ସଜାଇଛନ୍ତି ଯେ ଆକାଶମାର୍ଗରୁ ଦେଖିଲେ ବିରାଡ଼ିଟିଏ ଗୋଟିଏ ମାଛକୁ ଆଲିଙ୍ଗନ କରିଥିବାର ଚିତ୍ର ଦେଖାଯାଉଛି। ଏହା ଏବେ ପର୍ଯ୍ୟଟକ ଓ କଳାପ୍ରେମୀମାନଙ୍କୁ ଆକର୍ଷିତ କରିବାରେ ଲାଗିଛି। ତାନ୍ୟାପୋଙ୍ଗ ଓ ତାଙ୍କ ସହଯୋଗୀମାନଙ୍କ ଦ୍ୱାରା ବିକଶିତ ଏହି କାର୍ଟୁନ ବିରାଡ଼ିର ପ୍ରତିକୃତି ସେଠାକାର ପ୍ରାଚୁର୍ଯ୍ୟ ସମ୍ବଳିତ ଏକ ପ୍ରବାଦକୁ ବର୍ଣ୍ଣନା କରିଛି। ଥାଇଲାଣ୍ଡରେ ପ୍ରଚଳିତ ଲୋକକଥା 'ଜଳରେ ମାଛ, କ୍ଷେତରେ ଧାନ' ଉପରେ ଆଧାରିତ ଏହି କଳାକୃତି ଦେଖିବା ଲାଗି କ୍ଷେତର ଆଖପାଖରେ ଟାୱାରମାନ ନିର୍ମାଣ କରାଯାଇଛି, ଯାହା ଉପରୁ ଦର୍ଶକମାନେ ମାଛଧରା 'କୁପର'କୁ ଦେଖିପାରିବେ। ଜିପିଏସ୍ ମାଧ୍ୟମରେ ମଧ୍ୟ ତାଙ୍କ କ୍ଷେତର ଏହି ଚାରୁକଳାକୁ ଦର୍ଶକ ଉପଭୋଗ କରୁଛନ୍ତି। କ୍ଷେତର ବିଭିନ୍ନ ସ୍ଥାନରେ ଅଙ୍କୁରିତ ଚାରାଗୁଡ଼ିକ ବଢ଼ିବା ସଙ୍ଗେସଙ୍ଗେ ରଙ୍ଗ ବଦଳାଇ ଆହୁରି ମନମୁଗ୍ଧକର ଦିଶୁଛି। ଜଣେ କଳାକାରଙ୍କ ଦ୍ୱାରା ଅଙ୍କିତ ସ୍କେଚ୍‌କୁ ଭିତ୍ତି କରି ସେ ବିକ୍ଷିପ୍ତ ଭାବରେ ନାନାଜାତି ଧାନ ବିହନ ବୁଣିଥିଲେ। ତେବେ ଧାନଗଛଗୁଡ଼ିକ ବଢ଼ିବା ପରଠାରୁ ଧାନ ଅମଳ ଯାଏ ତାଙ୍କ କ୍ଷେତରେ ସେମିତି 'କୁପର' ନାମକ ବିରାଡ଼ିର ଚିତ୍ର ଶୋଭା ପାଉଥିବ ବୋଲି ସେ ଆଶା ରଖିଛନ୍ତି। ତାଙ୍କର ଏହି ଅଭିମୁଖ୍ୟ ବିଶେଷ କରି ଏକସଙ୍ଗରେ କୃଷି ଓ ପର୍ଯ୍ୟଟନ କ୍ଷେତ୍ରକୁ ବିକଶିତ କରିବାର ସୁଯୋଗ ଦେଇଛି ବୋଲି ତାନ୍ୟାପୋଙ୍ଗ କହିଛନ୍ତି।



ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ସେପ୍ଟେମ୍ବର ୦୪

# ବର୍ତମାନ ବିଜ୍ଞମାନଙ୍କର ସହଯୋଗ ଆବଶ୍ୟକ



ଉତ୍କଳାନନ୍ଦ ଅଜୟ କୁମାର ବେହେରା

ସମସ୍ୟା ବର୍ତମାନ ବହୁଲୋକଙ୍କର ଡାଇବେଟିସ ବହୁମୁତ୍ର ରୋଗ, ଡାକ୍ତରମାନେ ଏ ପାଇଁ ଔଷଧ, ଇଞ୍ଜେକ୍ସନ ବ୍ୟବସ୍ଥା ଏପରି ଖଞ୍ଜି ରଖିଛନ୍ତି ଯାହା ବ୍ୟକ୍ତିର ଏକ ସ୍ୱାସ୍ଥ୍ୟ ପାଇଁ ଆତଙ୍କରେ ଆସିଯାଇଛି । ମେଡ଼ିସିନ ଡାକ୍ତର ଔଷଧ ଦୋକାନ, ରକ୍ତପରୀକ୍ଷାଦିକାରୀ ରସାୟନ ଶାଳା, ଏବେ ଭଲ ରୋଜଗାରରେ ରହିଲେଣି । ପ୍ରତ୍ୟେକ ପରିବାରରେ ବହୁ ପରିବାର ସଦସ୍ୟ ଏ ରୋଗ ଭୋଗିଲେଣି । ଡାକ୍ତର ପରାମର୍ଶରେ ରୋଗୀଙ୍କୁ କହୁଛନ୍ତି ଭାତ ନଖାଇ ରୁଟି ଖାଅ । ରୁଟି ଗହମରୁ ପ୍ରସ୍ତୁତ । ଆମ ଓଡ଼ିଶାରେ ଗହମ ଚାଷ ବେଶୀ ଦୃଷ୍ଟିଗୋଚର ହେଉନାହିଁ । ଅନ୍ୟ ରାଜ୍ୟ ଓ ବାହାର ଦେଶରୁ ଏହା ଆମଦାନୀ ହୋଇ ଆସୁଛି ଅଥଚ ଆବହମାନ କାଳରୁ ଲୋକେ ଭାତ ଉପରେ ନିର୍ଭର କରି ଜୀବନ କାଟୁଥିଲେ ଖାଦ୍ୟ ମୂଳ ଉତ୍ସ ହିଁ ଚାଉଳର ଭାତ ।

ପୂର୍ବେ ଭାତରନ୍ଧାର ପ୍ରଣାଳୀ ଏବେ ବିଲୁପ୍ତ । ରନ୍ଧନ ପାଇଁ ରନ୍ଧନ ପାତ୍ର ବି ଦୁର୍ଲ୍ଲଭ । ରନ୍ଧନ ପାଇଁ ଉଦ୍ଭିଦ ଅଙ୍ଗ କାଠ ପତ୍ର ଜାଳେଣୀ ହେଉଥିଲା ମାଟିର ହାଣ୍ଡି ମାଟିର ତିନି ଝିଙ୍କା ଚୁଲି ଏକ କେବେ ଦେଖିବାକୁ ମିଳୁନାହିଁ । କାଠ ଇନ୍ଧନ କାହାଘରେ ଜଳୁଛି ଏକଥା ଖୋଜ କଲେ ବୁଝାଯିବ ଜଙ୍ଗଲ ଅଂଚଳ ଆଦିବାସୀ ଅଂଚଳରେ ଏହା ଦୃଶ୍ୟ ହୋଇପାରେ । ଆମ ରାଜ୍ୟର ଶ୍ରୀଜଗନ୍ନାଥ ମନ୍ଦିରର ରୋଷଶାଳାରେ କାଠଜାଳ ମାଟି କୁଡୁଆ ହାଣ୍ଡିର ରୋଷେଇ ଦେଖିବାକୁ ମିଳୁଛି । ଧାନରୁ ଚାଉଳ, ବାହାରିଲେ ବି ଚାଉଳ ପ୍ରକୃତରେ ତିନି ପ୍ରକାର ହୁଏ । ସୂର୍ଯ୍ୟତାପ ଧାନ କୁଟାଯାଇ ଅରୁଆ ଚାଉଳ, ଏହାକୁ ପାର୍ଶ୍ୱବଙ୍ଗ ରାଜ୍ୟରେ କହନ୍ତି ଆତପଚାଲ ଓଡ଼ିଆରେ ଅରୁଆ ଚାଉଳ । ଏହା ଶୁଦ୍ଧ ସାତ୍ୱିକ ଭୋଜନରେ ପିଠାପଣା ପିଠୋଉ ମୁରୁଜରେ ଲାଗେ । ଆଉ ଏକ ଚାଉଳ ଗରମ ପାଣିରେ ପଡ଼ି ଅର୍ଦ୍ଧ ସିଦ୍ଧ ହୋଇ ଚାଉଳ କରାଯାଏ ଯାହା ଉଆ ଚାଉଳ ଭିନ୍ନ ପ୍ରକାର ଉଷୁନା ଚାଉଳ ଧାନକୁ ଜଳ ଦେଇ ବା ବାମ୍ଫରେ ସିଝାଇ ତାକୁ ସୂର୍ଯ୍ୟ କିରଣ ଓ ବାୟୁରେ ଶୁଷ୍କକରି ତାକୁ କୁଟି ଉଷୁନା ଚାଉଳ କରାଯାଏ । ଏସବୁ ଚାଉଳ ପାଇଁ ଏକ ଏକ ବିହିତ ପ୍ରଣାଳୀ ଗତାନୁଗତ ଭାବରେ ଶିକ୍ଷାକରି ଭୋଜନରେ ପ୍ରୟୋଗ କରୁଛନ୍ତି । ରୋଷେଇ ପ୍ରାଚୀନ ପ୍ରଣାଳୀ ଏବେ ବିଲୁପ୍ତ ମାଟିହାଣ୍ଡି, ବିଲୁପ୍ତ ଉଷୁନା ଚାଉଳର ବହୁଳ ବ୍ୟବହାର ହେଲେ ବି ଢ଼େଙ୍କିକୁଟା ଚାଉଳ ନାହିଁ ଏପରିକି ହଳର କୁଟା ଚାଉଳ ପାଇଁ ଏବେ ପୂର୍ଣ୍ଣ କାଣ୍ଡିଆ କୁଣ୍ଡା ଛଡ଼ା ଉଷୁନା ଚାଉଳ । ଏହି ଚାଉଳ ପୂର୍ବ ପାରମ୍ପରିକ ଧାନ ବିହନର ଧାନରୁ ଚାଷରୁ ପ୍ରାପ୍ତ ଧାନରୁ ମିଳୁନାହିଁ । ଏବେ ଶଙ୍କର ଧାନ ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ଚାଷରୁ ଆମଦାନୀ । ତୃପ୍ତିମୁଠାଏ ପଖାଳ ଖାଇ ଲୋକେ ବିଭିନ୍ନ ଚାଷ ବାସ ବୃତି ବାହାରି ଯାଇ ଶ୍ରମ କରି କରି ହାଲିଆ ହୋଇ ଆସି ଗୃହରେ ସେହି ପଖାଳ ଖାଇଲେ ବି ପୂର୍ଣ୍ଣ ସ୍ୱାସ୍ଥ୍ୟବାନ ଥିଲେ । ନିରୋଗ ଶରୀର ହୃଷ୍ଟପୃଷ୍ଟ ଥିଲେ । ଏ ଡାଇବେଟିସ ସେତେବେଳେ ନଥିଲା ବା ଥିଲେ ବି ଏତେ ବ୍ୟାପକ ପ୍ରାଣ ଆତଙ୍କ ନଥିଲା, ଲୋକେ ଦୀର୍ଘ ଜୀବନ ସୁସ୍ଥ ରହି ବାର୍ଦ୍ଧକ୍ୟରେ ବି କର୍ମମୁଖର ଥିଲେ । ଖାଲି ଭାତ ଲୋକେ ଖାଆନ୍ତି ନାହିଁ ପୋଡ଼ା ଭଜା, ଶାଗ, ତିଅଣ, ଡାଲି, ଏହା ସହିତ ଖାଦ୍ୟକୁ ଆସ୍ୱାଦି ଚାଟିକର କରୁଥିଲା । ଏମିତି ସମୟ ହେଲା ତିଅଣ ତରକାରୀ ଭଜା ପାଇଁ ପରିବା ଶାଗ ଏବେ ଶଙ୍କର ଫସଲରେ ଓ ପ୍ରବଳ ସାର ପ୍ରୟୋଗରେ ଉତ୍ପାଦନ ହେଉଛି । ମାଟି ହାଣିରେ ଯେତେ ଉତାପରେ ରୋଷଇଥିଲା ଏବେ ହିନ୍ଦଲିୟମ, ଆଲୁମିନିୟମ ଷ୍ଟିଲ ପାତ୍ରରେ କୋଇଲା ଗ୍ୟାସରେ ପ୍ରସ୍ତୁତ ଅନ୍ୟ ଭୋଜନ ପରିପାକ କ୍ରିୟାରେ ଏକ ଭିନ୍ନ ଧରଣର ପ୍ରକ୍ରିୟା କରାଉଛି । ପଖାଳ ମାଟି ହାଣ୍ଡିର ଓ ଧାତବ ହାଣ୍ଡିର ଏ ଦୁଇ ସ୍ୱାଦକୁ ଅଲଗା ଅଲଗା ସଛିଦ୍ର ମାଟିହାଣ୍ଡିରେ ପଖାଳ ଥଣ୍ଡାରହେ ଓ ଶୀଘ୍ର ପଚେ ନାହିଁ । ପେଟ ଖରାପ ହେଲେ ଅଲଣା ତୋରାଣୀ ବା ଲୁଣପକା ତୋରାଣୀ ପେଟରେ ବହୁଉପକାରୀ । ପୁରୀ ମନ୍ଦିର ଓଳିରେ ମହାପ୍ରସାଦର ତୋରାଣୀ ଜଳ ଅମୃତ ତୁଲ୍ୟ ଲାଗେ । ଓଳାଷୁଣୀର ଆଶ୍ରମରେ ଏପରି ସେ ସ୍ଥାନରେ ପ୍ରସ୍ତୁତ ରହିଥିବା ତୋରାଣୀ ଜଇ ଅନେକ ପେଟ ରୋଗ ଭଲ ହେଉଥିବା ଲୋକବାକ୍ୟ ରହିଛି ଏକଥା ବି ସତ୍ୟ । ଏମିତି ଜଗତସିଂହପୁର ଜଗନ୍ନାଥପୁର ତୀରଣ ପାଖ ଏକ ମଠରେ ସେହି ତୋରାଣୀ ପୂର୍ବେ ଉପଲବ୍ଧ ଥିଲା । ବହୁ ମାଟି କାମ କରୁଥିବାବେଳେ ଶ୍ରମିକ ଘରୁ ପଖାଳ ତୋରାଣୀ ହାଣ୍ଡି ତାଙ୍କର କର୍ମମୟ ସ୍ଥାନକୁ ଆଣି ସୁବିଧାରେ ରଖି ମଧାହ୍ନ ଭୋଜନରେ ସେହି ପଖାଳ ତୋରାଣୀ ଖାଇ କାମ କରନ୍ତି । ସେମାନେ ସଦା ସବଳ । ଚାଷୀ ପରିବାରରେ ପୋଡ଼ା ଶୁଖୁଲା, ବାଇଗଣ ଆଳୁ ସାରୁ ପୋଡ଼ା ଶାଗଭଜାରେ କଂସା କଂସା ପଖାଳ ଲୋକେ ସଦା ଭୋଜନ କରୁଥିଲେ ଏବେ ଏସବୁ ହାରରେ ବହୁତ କମ ।

ବୈଜ୍ଞାନିକ ଡାକ୍ତର କୃଷି ବିଭାଗର ବିଜ୍ଞମାନେ ସମୂହ ଉଦ୍ୟମରେ ଧାନ ଗୁଡ଼ିକ କେମିତି ଏସବୁ ରୋଗ ସୃଷ୍ଟି ନକରିବ ତାକୁ ବିଚୂର୍ଣ୍ଣ କରି ଡାଇବେଟିସ ଜଡ଼ ଖୋଜି ତାର ସଂସ୍କାର କରି ନୂତନ ଧାନ ଚାଉଳ ପ୍ରସ୍ତୁତ କରିଲେ ଲୋକେ ଡାଇବେଟିସରୁ ମୁକ୍ତ ହୋଇ ପାରନ୍ତେ । ସେପରି ଆଳୁ କନ୍ଦମୂଳ ସାରୁ ପରି ମାଟି ତଳିଆ ପରିବାରେ କଣ ରସାୟନ କମାଇବା ବଢ଼ାଇ ପ୍ରସ୍ତୁତ ନୂତନ ରୂପେ ଦେଲେ ଏ ରୋଗର ଜାତ ହେବନାହିଁ ଏହା ଭାବି ଚିନ୍ତି ଆଶୁ ଚେଷ୍ଟାକଲେ ଦେଶରେ ଖାଦ୍ୟର ଅନାଟନ କମିବ ରୋଗ କମିବ ଚିକିତ୍ସା ବିଭ୍ରାଟ କମିବ । ଏ ଦୁସାଧ ବୋଧ ହେଲେ କେବେ ଅସାଧ ନୁହେଁ । ପାରିବାରିକ ଶସ୍ୟରୁ ଯେଉଁ ଯେଉଁ ପଦ୍ଧତି ଅନୁସରଣରେ ଭବ୍ୟ ଶଙ୍କରଶସ୍ୟ ରୂପ ନେଇଛି ସେହି ପଦ୍ଧତିରେ କିଛି ସଂସ୍କାର ଆଣିଲେ ଖାଦ୍ୟ ପ୍ରସ୍ତୁତ ଧାରାରେ ଶ୍ୱେତସାରରେ କଣ ସଂସ୍କାର କଲେ ମାନବ ଶରୀରରେ ଡାଇବେଟିସ ପ୍ରଭାବ ରହିବ ନାହିଁ ଏହାକୁ ତନ୍ନ ତନ୍ନ କରି ବିଶ୍ଳେଷଣ କରାଯିବା ଦରକାର । ଔଷଧ ମାନଙ୍କରେ ଧୂମପାନ ଦ୍ରବ୍ୟରେ ମଦ୍ୟରେ ବିଷ ଲେଖାଅଛି ହେଲେ ଅନୁପାନ ଓ ଯୁକ୍ତିଯୁକ୍ତ ସ୍ଥଳରେ ଏହା ପ୍ରୟୋଗ କରାଗଲେ ମାନବ ଶରୀରର ରୋଗାଦି ଅପସାରଣ ହେଉଛି । ସେହିପରି ଶଙ୍କର ପଦ୍ଧତିରେ ଶସ୍ୟ ନିର୍ମାଣରେ ଏହାର ମାତ୍ରାଦି କମ ବେଶୀ କରାଯାଇପାରେ । ପୂର୍ବେ ଶସ୍ୟ କ୍ଷେତ୍ରରେ ଖତ ପଡ଼ିଆ ପାଉଁଶ ଗୋବର ଗୋମୁତ୍ର ବ୍ୟବହାର କରାଯାଉଥିଲା ନଦୀ ବନ୍ୟାର ପଟୁମାଟି ଶସ୍ୟ କ୍ଷେତ୍ରର ଲବଣ ଖାରି ଅଂଶ ନଷ୍ଟ କରୁଥିଲା ଓ ଅତି ଉର୍ବର ମୃତିକା କରି ଧାନ କ୍ଷେତ୍ରରେ ଉତମ ଫଳନ ଦେଉଥିଲା । ସବୁଜ ସାର ପାଇଁ ଧନିଚା ଚୀନୀ ଆଦି କ୍ଷେତ୍ର ଭୂମିରେ ଆନୁସଙ୍ଗିକ ଚାଷରେ ରହୁଥିଲା । କ୍ଷେତ୍ରମାଟିରେ ଏକ ପର୍ଯ୍ୟାୟ ଭିନ୍ନ ଚକ୍ର ଚାଲିଥିଲା । ଧାନ ବିଲରେ ଜିଆ ରହୁଥିଲେ ଯେଉଁମାନେ କ୍ଷେତ୍ରମାଟିକୁ ସଛିଦ୍ର ରଖୁଥିଲେ ମାଟିରେ ଚାଷ ବେଳେ ଝିଂଟିକା ପୋକଯୋଗ ସୃଷ୍ଟି ହୁଅନ୍ତି ତାକୁ ଧାନ କିଆରୀରେ ଚୁନା ମାଛ ଗଡ଼ିଶା ବେଙ୍ଗ ଆଦି ଯମପରି ଖାଇ ଯାଉଥିଲେ । ସେମାନଙ୍କୁ ଧଣ୍ଡ ସାପ ଖାଇବା ଦେଖାଯାଉଥିଲା । ପାରଦୃଷ୍ଟେ ଖରାବର୍ଷା ତାରତମ୍ୟରୁ ଏ ଜୀବମାନେ କହୁଥାନ୍ତି ଧାନ କ୍ଷେତ୍ରରେ ସୃଷ୍ଟି ଓ ଧ୍ୱଂସର ହେଉଥିଲେ । ଏବେ ପୋକ ମରା ଔଷଧ ସାର ଆଦି ପ୍ରୟୋଗରୁ ଧାନ ବିଲରୁ ମିଳୁଥିବା ଚୁନାମାଛ ଦୁର୍ଲ୍ଲଭ । କାର୍ତିକ ମାସରେ ଲୋକେ ମାଛ ଖାଆନ୍ତି ନାହିଁ । ସେ ଚୁନାମାଛ ପ୍ରଚୁର ବୃଦ୍ଧି ବେଳକୁ ନିଗିଡ଼ା ଯୌସଗ ଲୋକେ ମାଛ ବିଭିନ୍ନ ଉପାୟରେ ମାରି ପିତା ଶୁଖୁଆ କରି ପର ସମୟ ପାଇଁ ରଖୁଥିଲେ । ଯାହା ଏବେ ଏଇଟା ଲୋକ କଥା ହେଲାଣି । ଧାନ ପାଚିଲେ କଟାଯାଏ । କଟାଯିବା ପରେ କଚଡ଼ା ପଡ଼େ ଏଇ କଚଡ଼ାରୁ ଧାନ କେଣ୍ଡା ମୂଷାମାନେ ଖାଇ ଯାଆନ୍ତି ପୁଣି ହିଡ଼ରେ ଗର୍ତକରି କେଣ୍ଡା ଗୁଡ଼ିକୁ ନେଇ ସଂଚୟ କରନ୍ତି । ତାଙ୍କୁ ନଷ୍ଟ ପାଇଁ ତମ୍ପ ଗୋଖର ନାଗ ଆଦି ସର୍ପ ତତ୍କାଳ ସମୟରେ ପାଚିଲା ଧାନ କ୍ଷେତ୍ରରେ ଦେଖାଯାଆନ୍ତି । ଏହାବି ଏକ ବିରଳ । ବିଜ୍ଞ ବିଜ୍ଞାନୀମାନେ ବହୁ ପର୍ଯ୍ୟାୟ କୃଷିଜାତ ଖାଦ୍ୟ ଉପଯୋଗୀ ତଥ୍ୟ ବାହାର କଲେଣୀ ଏବେ ଏସବୁ ବିଷୟରେ ଧାନ ନଦେଲେ ଚାଉଳ ଥାଇ ଲୋକେ ଉପବାସ ଭୋଗିବା ସାର ହେବ । ଜୟ କିଷାନ ଜୟ ବିଜ୍ଞାନ ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ*

# ପ୍ରଜ୍ୱଳାଙ୍କୁ ଦଣ୍ଡବିଧାନ ଯଥାର୍ଥ

ବଳାତ୍କାର ମାମଲାରେ ଜଣେ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ନାତି ତଥା ଜନତା ଦଳ ଧର୍ମନିରପେକ୍ଷ(ଜେଡିଏସ) ପୂର୍ବତନ ସଂସଦ ପ୍ରଜ୍ୱଳା ରେଭନ୍ନାଙ୍କୁ ଆଜୀବନ ଜେଲଦଣ୍ଡାଦେଶ ପୀଡିତାଙ୍କୁ ନ୍ୟାୟ ପ୍ରଦାନରେ ଏକ ଯଥାର୍ଥ ଓ ବିରଳ ସଂକେତ ପ୍ରଦାନ କରୁଛି । କହିବା ବାହୁଲ୍ୟ ଯେ, ଦେଶରେ ପ୍ରଭାବଶାଳୀଙ୍କ ଦୁଷ୍କର୍ମ ତଥା ଯୌନ ହିଂସା ମାମଲାରେ ନ୍ୟାୟ ଅପେକ୍ଷାରେ ପୀଡିତା ଶେଷରେ ଜୀବନ ହାରିବା ବହୁ ଉଦାହରଣ ରହିଛି । ଏହା ନିସନ୍ଦେହ ଯେ ପ୍ରଜ୍ୱଳା କର୍ଣ୍ଣାଟକର ଏକ ପ୍ରଭାବଶାଳୀ ରାଜନୈତିକ ପରିବାରର ଉତରାଧିକାରୀ ଭାବେ ପରିଚିତ । ସେ ହେଉଛନ୍ତି ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ.ଡି ଦେବେଗୌଡାଙ୍କ ନାତି । କେବଳ ଏତିକି ନୁହେଁ, ସେ କର୍ଣ୍ଣାଟକରେ ୩ଥର ମୁଖ୍ୟମନ୍ତ୍ରୀ ଥିବା ଏଚ.ଡି କୁମାର ସ୍ୱାମୀଙ୍କ ପୁତୁରା ଏବଂ ସେ କର୍ଣ୍ଣାଟକର ପୂର୍ବତନ ଜେଡିଏସର ଜଣେ ପୂର୍ବତନ ଲୋକସଭା ସଦସ୍ୟ । ୩୪ବର୍ଷ ବୟସ୍କ ପ୍ରଜ୍ୱଳା ନିଜର ତଥା ନିଜ ପରିବାରର ରାଜନୈତିକ ପ୍ରଭାବ ବଳରେ ତାଙ୍କ ଘରେ ଘରୋଇ ସହାୟିକା ଭାବେ କାର୍ଯ୍ୟ କରୁଥିବା ଜାଣେ ୪୮ବର୍ଷ ବୟସ୍କା ମହିଳାଙ୍କୁ ୨୦୨୧ରେ ବେଙ୍ଗାଲୁର ଓ ହାସନସ୍ଥିତ ନିଜ ବାସଭବନରେ ଦୁଇଥର ବଳାତ୍କାର କରିଥିଲେ । ବଳାତ୍କାର ସମୟର ଦୃଶ୍ୟକୁ ସେ ନିଜ ମୋବାଇଲ ଫୋନରେ ରେକର୍ଡିଂ କରିଥିଲେ । ମାତ୍ର ପାପ କେବେହେଲେ ଲୁଚି ରହେ ନାହିଁ । ପ୍ରଜ୍ୱଳାଙ୍କ କୁକର୍ମ କ୍ଷେତ୍ରରେ ହିଁ ସେଇୟା ହୋଇଛି । ୨୦୨୪ ସାଧାରଣ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଏପ୍ରିଲ ମାସରେ ତାଙ୍କ ମୋବାଇଲ ଫୋନରୁ ଭିଡିଓ ଲିକ୍ ହୋଇଯାଇଥିଲା । ତାଙ୍କ ଘରୋଇ ସହର ହାସନରେ ସର୍ବସାଧାରଣ ସ୍ଥାନରେ ପ୍ରଦର୍ଶିତ ହୋଇଥିଲା । ଦୃଶ୍ୟରେ ପ୍ରଜ୍ଜଳାଙ୍କ ମୁହଁ ସ୍ପଷ୍ଟ ଭାବେ ଦେଖାଯାଉନଥିବାବେଳ ପିଡୀତାଙ୍କ ମୁହଁ ସ୍ପଷ୍ଟ ଦେଖାଯାଉଥିଲା । ଭିଡିଓ ଭାଇରାଲ ପରେ ପୀଡିତା ପ୍ରଜ୍ୱଳାଙ୍କ ବିରୁଦ୍ଧରେ ଏତଲା ଦାୟର କରିଥିଲେ । ଯାହା ଜଣେ ମହିଳାଙ୍କର ସୁରକ୍ଷା ଓ ଗୋପନୀୟତାର ଉଲଂଘନ ଥିଲା । ଏପରିକି ମଧ୍ୟ ସେ ନିଜର ପରିବାରର ରାଜନୈତିକ କ୍ଷମତା ଓ ବାହୁବଳ ପ୍ରୟୋଗ କରି ମାମଲାକୁ ଚପାଇ ଦେବାପାଇଁ ଉଦ୍ୟମ କରିଥିଲେ ଏବଂ ମହିଳାଙ୍କ ଡାକ୍ତରୀ ମାଇନାକୁ ବନ୍ଦ କରିବାକୁ ପ୍ରୟାସ କରିଥିଲେ । ମହିଳାଙ୍କୁ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ହତ୍ୟା ଧମକ ଦେବାକୁ ମଧ୍ୟ ପଛାଇନଥିଲେ । କିନ୍ତୁ ଏହି ଅଭିଯୋଗର ତଦନ୍ତ ଦାୟିତ୍ୱ ତତ୍କାଳୀନ ରାଜ୍ୟ ସରକାର ସ୍ୱତନ୍ତ୍ର ତଦନ୍ତକାରୀ ଟିମ (ଏସଆଇଟି) ଉପରେ ନ୍ୟସ୍ତ କରିଛନ୍ତି । ଏସଆଇଟି ତଦନ୍ତକୁ ତ୍ୱରାନ୍ୱିତ କରି ୨୦୨୪ ମେ'ରେ ତାଙ୍କୁ ଗିରଫ କରିଥିଲା । ସେହିପରି ୨୦୨୪ ଅଗଷ୍ଟରେ ଏସଆଇଟି ପ୍ରଥମ ଚାର୍ଜସିଟ୍ ଦାଏର କରିଥିଲା । ଉଲ୍ଲେଖଯୋଗ୍ୟ ଯେ, ସାଂସଦ ପୂର୍ବତନ ସାଂସଦ, ବିଧାୟକ ଏବଂ ପୂର୍ବତନ ବିଧାୟକମାନଙ୍କ ଅପରାଧିକ ମାମଲାର ଶୁଣାଣୀ ପାଇଁ ଗଠିତ ସ୍ୱତନ୍ତ୍ର ଅଦାଲତରେ ଗତ ମେ' ମାସରେ ଶୁଣାଣୀ ଆରମ୍ଭ ହୋଇଥିଲା । ଡିଏନଏ ରିପୋର୍ଟ ଏବଂ ମହିଳାଙ୍କ ଶାଢୀରେ ଲାଗିଥିବା ଶୁକ୍ରାଣୁକୁ ପ୍ରମାଣ ଭାବେ ସ୍ୱତନ୍ତ୍ର ଅଦାଲତ ଗ୍ରହଣ କରି ପ୍ରଜ୍ୱଳାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସଙ୍ଗେ ସଙ୍ଗେ ଗତ ୧ ତାରିଖ ଦିନ ଦଣ୍ଡବିଧାନ ଘୋଷଣା କରିଥିଲେ । ତାଙ୍କୁ ବିଭିନ୍ନ ଦଫାରେ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲଦଣ୍ଡାଦେଶ ଘୋଷଣା କରିଥିଲେ । ଏହି ମାମଲାର ତ୍ୱରିତ ଶୁଣାଣୀ ଏବଂ ରାୟ ଘୋଷଣା ଏକ ବିରଳ ଘଟଣା ହୋଇଥିବାବେଳେ ତାଙ୍କ ବିରୁଦ୍ଧରେ ବିଚାରଧୀନ ଥିବା ଅନ୍ୟ ଚାରୋଟି ଯୌନ ଉତ୍ପୀଡନ ମାମଲାର ତ୍ୱରିତ ଶୁଣାଣୀ ଏବଂ ନ୍ୟାୟ ପ୍ରଦାନ ଏବେ ପୀଡିତାମାନଙ୍କ ମନରେ ନୂତନ ଆଶା ସଂଚାର କରିଛି ବୋଲି କୁହାଯାଇପାରିବ । ପ୍ରଜ୍ଜଳାଙ୍କ ବିରୁଦ୍ଧରେ ଅଭିଯୋଗପତ୍ର ଦାଏର ହୋଇଥିବା ସମସ୍ତ ଦଫାରେ ସ୍ୱତନ୍ତ୍ର ଅଦାଲତ ତାଙ୍କୁ ଦଣ୍ଡିତ କରିବା ଏକ ଉଲ୍ଲେଖନୀୟ ପ୍ରଭାବଶାଳୀ ରାଜନେତାମାନେ ଅନାୟସରେ ଖସି ଯାଉଥିବା ବେଳେ ପ୍ରଜ୍ୱଳାଙ୍କ ବିରୁଦ୍ଧରେ ଆଗତ ସମସ୍ତ ଦଫାରେ ସ୍ୱତନ୍ତ୍ର ଅଦାଲତ ଦଣ୍ଡିତ କରିବା ନିଶ୍ଚିତ ଭାବେ କେବଳ ନୂତନ ଧାରା ସୃଷ୍ଟି କରିନାହିଁ ଦୁଷ୍କର୍ମକାରୀଙ୍କ ପ୍ରତି ଏକ ସତର୍କ ଘଂଟି ସଦୃଶ ହାଇଛି । ରାଜନେତାଙ୍କ ଦ୍ୱାରା ବଳତ୍କାରର ଶିକାର ପିଡିତାମାନଙ୍କ ମାମଲାର ତ୍ୱରାନ୍ୱିତ ପାଇଁ ସରକାରୀ କଳା ସକ୍ରୀୟ ହେବାର ଆବଶ୍ୟକତା ରହିଛି । ସେହିପରି ବଳାତ୍କାର ପୀଡିତାଙ୍କ ସୁରକ୍ଷା ପାଇଁ ପୋଲିସ ଓ ପ୍ରଶାସନ ନିରାପତା ପରିବେଶ ସୃଷ୍ଟି କରିବା ଜରୁରୀ, ଯାହା ଦ୍ୱାରା ନିର୍ଭୟରେ ପୀଡିତାମାନେ ଅଭିଯୋଗ କରିବାକୁ ଆଗେଇ ଆସିବେ । ଏବେ ପ୍ରଜ୍ୱଳାଙ୍କ ବିରୁଦ୍ଧରେ ଆଉ ୪ଟି ମାମଲା ବିଚାରାଧୀନ ରହିଛି । ସେହି ପୀଡିତାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ ଅଦାଲତ ଅନୁରୂପ ତ୍ୱରିତ ପଦକ୍ଷେପ ନେବା ଆଶା କରାଯାଏ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ

# ମହାନ ସ୍ୱାଧିନତା ସଂଗ୍ରାମୀ ହରେକୃଷ୍ଣ ମହତାବଙ୍କ ଜୀବନରୁ ଶିକ୍ଷା

ଓଡିଶାର ସର୍ବପ୍ରଥମ ମୁଖ୍ୟମନ୍ତ୍ରୀ, ହରେକୃଷ୍ଣ ମହତାବଙ୍କର ଅସାଧାରଣ ବ୍ୟକ୍ତିତ୍ୱ ଥିଲା । ସେ ମିଷ୍ଟଭାଷୀ ଉଦାର, ନିର୍ଭିକ,ନମ୍ର ସାହିତ୍ୟପ୍ରେମୀ, ସ୍ୱାଧୀନତା ସଂଗ୍ରାମୀ ଏବଂ ଜଣେ ଆଦର୍ଶ ରାଜନେତା ଥିଲେ । ସେ ଓଡିଶାର ଜଣେ ବିଚ୍‌କ୍ଷଣ ରାଜନୀତିଜ୍ଞ, ଐତିହାସିକ ଓ ସୁଲେଖକ ଭାବେ ପରିଚ଼ିତ । ସେ ୧୮୯୯ମସିହା ଆଗରପଡା ରେ (ବର୍ତମାନ ଭଦ୍ରକ ଜିଲ୍ଲା ରେ ଅବସ୍ଥିତ) ଏକ ସମ୍ଭ୍ରାନ୍ତ କ୍ଷତ୍ରିୟ ପରିବାରରୁ ଜନ୍ମଗ୍ରହଣ କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ସେ ବହୁବାର କାରାବରଣ କରିଥିଲେ । ବିଭିନ୍ନ ସମୟରେ ବିଭିନ୍ନ ପଦପଦବୀରେ ରହି ବହୁ ଜନହିତକର କାର୍ଯ୍ୟ କରିଯାଇଛନ୍ତି । ତାଙ୍କର ପ୍ରେରଣା ଓ ସମ୍ପାଦନାରେ ପ୍ରଜାତନ୍ତ୍ର, ମୀନାବଜାର , ଝଙ୍କାର ପ୍ରଭୃତି,, ପତ୍ରପତ୍ରିକା କଟକରୁ ପ୍ରକାଶିତ ହେଉଛି । ସମ୍ଭ୍ରାନ୍ତ ପରିବାରରେ ଜନ୍ମ ହୋଇଥିଲେ ମଧ୍ୟ ସେ ସଦାସର୍ବଦା ଜଣେ ସରଳ ନିଷ୍କପଟ, ଉଦାର, ନମ୍ର ରାଜନେତା ଥିଲେ । ଗର୍ବ, ଅହଂକାର ତାଙ୍କୁ ତଳେମାତ୍ର ଛୁଇଁ ପାରିନଥିଲା । ଯାହାକି ଏକବିଂଶ ଶତାବ୍ଦୀର ରାଜନେତା ପାଖରେ ଏହା ପରିଲକ୍ଷିତ ହେଉନାହିଁ । ଭାରତର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅତୁଳନୀୟ ଅବଦାନ ତାଙ୍କୁ ଉତ୍କଳକେଶରୀର ଆଖ୍ୟା ପ୍ରଦାନ କରିଅଛି ।

ନବଉତ୍କଳର ନିର୍ମାତା ରୂପେ ସେ ସୁପ୍ରତିଷ୍ଠିତ । ' ତୁଳସୀ ଦୁଇ ପତ୍ରରୁ ବାସିଲା ପରି' ବାଲ୍ୟ କାଳରୁ ହିଁ ଡକ୍ଟର ହରେକୃଷ୍ଣ ମହତାବଙ୍କ ମନରେ ଦେଶପ୍ରେମର ବହ୍ନି ପ୍ରଜ୍ଜଳିତ ହୋଇଥିଲା । ଦେଶମାତୃକାର ସେବା ପାଇଁ ପାଠପଢ଼ା ଅଧାରୁ ସମାପ୍ତ କରି ଭାରତର ସ୍ୱାଧୀନତା ସଂଗ୍ରାମରେ ସେ ଯୋଗଦେଇଥିଲେ । ସେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ । ସେ ୧୯୨୦ ମସିହାରେ ଭାରତୀୟ ଜାତୀୟ କଂଗ୍ରେସର ନାଗପୁର ଓ କୋଲକାତା ଅଧିବେଶନରେ ଯୋଗ ଦେଇଥିଲେ ଏବଂ ଭାରତକୁ ସ୍ୱାଧୀନ କରିବାର ଜିଜ୍ଞାସା ତାଙ୍କ ମନ ମଧ୍ୟରେ ଜାଗ୍ରତ ହୋଇଥିଲା । ସେଥିପାଇଁ ସେ ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ । ୧୯୨୧ ମସିହାରେ ଭାରତର ସ୍ୱାଧିନତା ସଂଗ୍ରାମରେ ସେ ଯୋଗଦେଇଥିଲେ । ସେଥିପାଇଁ ତାଙ୍କୁ ବହୁବାର ଜେଲ୍ ଯିବାକୁ ପଡ଼ିଥିଲା । ୧୯୩୦ ମସିହାରେ ହୋଇଥିବା ଆଇନ ଅମାନ୍ୟ ଆନ୍ଦୋଳନରେ ତାଙ୍କର ଭୂମିକା ଅତୁଳନୀୟ ଥିଲା । ୧୯୩୪ ମସିହାରେ ସେ ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱର ଉତୋଳନ କରିଥିଲେ ଏବଂ ଓଡ଼ିଶାର ମନ୍ଦିର ଗୁଡ଼ିକୁ ସବୁ ଲୋକଙ୍କ ପାଇଁ ଖୋଲିବା ପାଇଁ ପଦକ୍ଷେପ ନେଇଥିଲେ । ତାଙ୍କ ପାଖରେ ଧନୀ, ଗରିବ , ଉଚ୍ଚ, ନୀଚ୍ଚ ଜାତିର ଭେଦ ଭାବ ନଥିଲା । ୧୯୩୩ ରୁ ୧୯୩୬ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ଅଗ୍ରପଡ଼ା ରେ ଥିବା ଗାନ୍ଧୀ କର୍ମମଣ୍ଡଳ ଆଶ୍ରମରେ ହରିଜନ ମାନଙ୍କ ଉନ୍ନତି ନିମନ୍ତେ ଅନେକ କାର୍ଯ୍ୟ କରିଥିଲେ । ୧୯୪୨ ମସିହାରେ ଗାନ୍ଧିଜୀଙ୍କ ନେତୃତ୍ୱରେ ହୋଇଥିବା ଭାରତ ଛାଡ଼ ଆନ୍ଦୋଳନରେ ସେ ଅଂଶଗ୍ରହଣ କରିଥିଲେ ଏବଂ ଇଂରେଜ ମାନଙ୍କୁ ଦୃଢତାର ସହିତ ବିରୁଦ୍ଧ କରିଥିଲେ । ତେଣୁ ତାଙ୍କୁ ଜେଲ୍ ଯିବାକୁ ପଡ଼ିଥିଲା । ଭାରତର ସ୍ୱାଧୀନତା ସଂଗ୍ରାମରେ ବାରମ୍ବାର ଅଂଶଗ୍ରହଣ କରି ତାଙ୍କୁ ଅନେକ ବାର ଜେଲ୍ ଯିବାକୁ ପଡ଼ିଥିଲା । ଜାତୀୟ ଆନ୍ଦୋଳନରେ ଡକ୍ଟର ହରେକୃଷ୍ଣ ମହତାବଙ୍କୁ ୭ଥର ଜେଲ୍ ଯିବାକୁ ପଡ଼ିଥିଲା । ସେ ଦୀର୍ଘ ୮ ବର୍ଷ ଧରି ଜେଲ୍ ରେ ସମୟ ଅତିବାହିତ କରିଛନ୍ତି । ଭାରତ ଛାଡ଼ ଆନ୍ଦୋଳନରେ ସେ '୧୯୪୨ ରୁ ୧୯୪୫' ମସିହା ପର୍ଯ୍ୟନ୍ତ କାରାଗାରରେ ବନ୍ଦୀ ହୋଇ ରହିଥିଲେ । ଜେଲ୍ ରେ ବନ୍ଦୀ ଥିବା ସମୟରେ ସେ ୩ ଟି ଉପନ୍ୟାସ ଅନେକ କବିତା ଓ ଓଡ଼ିଶାର ଇତିହାସ ଲେଖିଥିଲେ ।

୧୯୪୬ ମସିହା ଏପ୍ରିଲ ୨୩ରେ ସେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଭାବେ ଅଧିଷ୍ଠିତ ହୋଇଥିଲେ । ଡକ୍ଟର ହରେକୃଷ୍ଣ ମହତାବଙ୍କ ବିରୁଦ୍ଧରେ ବାରମ୍ବାର ଷଡ଼ଯନ୍ତ୍ର କରାଯାଇଥିଲେ ମଧ୍ୟ ନିଜର ଦୃଢ଼ ଇଚ୍ଛାଶକ୍ତି, ନିଷ୍ଠା ନିର୍ଭୀକତା, ତ୍ୟାଗ, ସଚ୍‌ଚୋଟତା, ନମ୍ରତାକୁ ପାଥେୟ କରି ସେ ସବୁ ଷଡ଼ଯନ୍ତ୍ର କୁ ପଶମିତ କରିପାରିଥିଲେ । ତାଙ୍କ ପାଇଁ ଦଳ, ପଦପଦବୀ ଅପେକ୍ଷା ରାଷ୍ଟ୍ର ସର୍ବୋପରି ଥିଲା । ଦଳୀୟ ସ୍ୱାର୍ଥ ଅପେକ୍ଷା ରାଷ୍ଟ୍ର ତଥା ରାଜ୍ୟର ସ୍ୱାର୍ଥକୁ ସଦାସର୍ବଦା ଗୁରୁତ୍ୱ ଦେଉଥିଲେ ଏଥିରେ ତିଳେମାତ୍ର ସଂଦେହର ଅବକାଶ ନାହିଁ । ରାଜନୀତିରେ କୌଣସି ବ୍ୟକ୍ତି କିମ୍ବା କୌଣସି ଦଳର ମହିମାମଣ୍ଡନ କରିବାକୁ ସେ ନାପସନ୍ଦ କରୁଥିଲେ । ସେ ସଦାସର୍ବଦା ଆମ ରାଷ୍ଟ୍ର ତଥା ରାଜ୍ୟର ବିକାଶ ପାଇଁ ଚେଷ୍ଟିତ ଥିଲେ । କ୍ଷମତା,ପଦପଦବୀର ଲାଳସା ତାଙ୍କୁ ଗ୍ରାସ କରି ପାରିନଥିଲା । ସେ ସଦାସର୍ବଦା ଓଡ଼ିଆ ଭାଷା,ସାହିତ୍ୟ, ପରମ୍ପରା, ସଂସ୍କୃତିକୁ ବଜାଇ ରଖିବା ପାଇଁ ଅପ୍ରାଣ ଉଦ୍ୟମ କରୁଥିଲେ । ସେ ଲାଲବାହାଦୁର ଶାସ୍ତ୍ରୀଙ୍କ ଭଳି ଅତି ସରଳ ନିରାଡ଼ମ୍ବର ଜୀବନ



ଆଶୁତୋଷ ନାୟକ

ଅତିବାହିତ କରୁଥିଲେ । ଅସହାୟ ଗରିବ, ମଧ୍ୟବିତ ଲୋକଙ୍କର ଦବିଯାଉଥିବା ସ୍ୱରକୁ ନିଜର ଗଳ୍ପ, ଉପନ୍ୟାସ ଏବଂ ଖବରକାଗଜ 'ପ୍ରଜାତନ୍ତ୍ର' ରେ ପ୍ରକାଶ କରୁଥିଲେ । ନିରପେକ୍ଷ ଦୈନିକ ଖବରକାଗଜ 'ପ୍ରଜାତନ୍ତ୍ର' ସଦାସର୍ବଦା ସାଧାରଣ ଲୋକଙ୍କ ସ୍ୱର ହୋଇ ତାର ଦାୟିତ୍ୱ ସଠିକ ଭାବରେ ନିର୍ବାହ କରୁଛି । ଯେତେବେଳେ ପ୍ରଶାସନ ନେତା,ମନ୍ତ୍ରୀ, ଅଫିସର ମାନେ ଭ୍ରଷ୍ଟାଚ଼ାରରେ ଲିପ୍ତ ରୁହନ୍ତି, ଅହଂକାରରେ ବଶବର୍ତୀ ହୋଇ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଭୁଲିଯାଆନ୍ତି, ସେବକ ପରିବର୍ତ ? ନିଜକୁ ମାଲିକ ମନେକରନ୍ତି, ସେତେବେଳେ ନିରପେକ୍ଷ ଖବରକାଗଜ ପ୍ରଜାତନ୍ତ୍ର ପ୍ରଶାସନକୁ ଚେତାଇ ଦିଏ ଭାରତ ପରି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନେତା, ମନ୍ତ୍ରୀ, ଅଫିସର ମାନେ ଜନତାର ସେବକ ହୋଇଥାନ୍ତି ଏବଂ ପ୍ରକୃତରେ ଜନତା ହିଁ ସର୍ବଶକ୍ତିମାନ , ଏହାର ଅର୍ଥ ଆମ ଦେଶର ସମସ୍ତ ଭୋଟର ଅଖଣ୍ଡ କ୍ଷମତାର ଅଧିକାରୀ ।

ନିଜର ଖଣ୍ଡିଏ ଭୋଟ ମାଧ୍ୟମରେ ସରକାର ପରିବର୍ତନ କରିବାର କ୍ଷମତା ଜନସାଧାରଣଙ୍କ ପାଖରେ ରହିଛି । ଡ଼କ୍ଟର ହରେକୃଷ୍ଣ ମହତାବଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ଆମ ଦେଶର ସମସ୍ତ ଲୋକଙ୍କୁ ଆତ୍ମନିର୍ଭରଶୀଳ କରାଇବା । ତାଙ୍କର ମତ ଥିଲା ଭାରତ ପରି ବିଶାଳ ଦେଶରେ ସମସ୍ତେ ଆତ୍ମନିର୍ଭରଶୀଳ ହେବା ଉଚ଼ିତ । ତାଙ୍କର ଏହି ଆହ୍ୱାନ ଆଜି ପ୍ରତ୍ୟେକ ଭାରତୀୟଙ୍କ ପାଖରେ ପହଂଚ଼ିପାରିଛି । ଜୀବନର ପ୍ରତ୍ୟେକ ମୁହୂର୍ତ ସେ ଦେଶ ପାଇଁ ଚ଼ିନ୍ତା କରିଛନ୍ତି ଛତାଙ୍କ ପାଇଁ ରାଷ୍ଟ୍ର ସର୍ବାଗ୍ରେ । ବାଲେଶ୍ୱର ଜିଲ୍ଲାରେ ଚେୟାରମ୍ୟାନ ଦାୟିତ୍ୱରେ ଥିବାବେଳେ ସେ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ ବିଦେଶୀ ପୋଷାକକୁ ବିରୋଧ କରିଥିଲେ । ୧୯୩୦ରେ ସେ ଲବଣ ସତ୍ୟାଗ୍ରହରେ ଯୋଗଦେଇ ଜେଲ୍ ଯାଇଥିଲେ । ଏକ ନୂତନ ଓଡିଶା ଗଠନ ଦିଗରେ ତାଙ୍କର ମହତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ସର୍ଦ୍ଦାର ବଲ୍ଲବଭାଇଙ୍କ ଆହ୍ୱାନ ଏବଂ ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ସହଯୋଗ ଦ୍ୱାରା ଓଡିଶାର ୨୬ଟି ଗଡ଼ଜାତ ରାଜ୍ୟ ଓଡିଶାରେ ମିଶ୍ରଣ ହୋଇଥିଲା । ତାଙ୍କ ରଚ଼ିତ 'ଗାଁ ମଜଲିସ୍' ଲେଖା ପାଇଁ ତାଙ୍କୁ କେନ୍ଦ୍ରୀୟ ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଥିଲା । ଏଥିସହ ଇଂରାଜୀ ପତ୍ରିକା ' ଦ ଇଷ୍ଟର୍ଣ୍ଣ ଟାଇମସର' ସେ ସମ୍ପାଦକ ଥିଲେ । ସେ ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ୨ଥର ନିର୍ବାଚ଼ିତ ହୋଇଥିଲେ । ପାଖାପାଖି ସାତବର୍ଷ ଧରି ସେ ମୁଖ୍ୟମନ୍ତ୍ରୀ ଭାବେ ସେ ଦାୟିତ୍ୱ ନିର୍ବାହ କରିଥିଲେ । ସେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଓଡିଶାର ଅନେକ ଜନମୁଖୀ ପ୍ରଜେକ୍ଟରେ ତାଙ୍କର ଉଲ୍ଲେଖନୀୟ ଭୂମିକା ରହିଥିଲା ।

ହୀରାକୁଦ ଡ୍ୟାମ ନିର୍ମାଣରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା । କଟକ ଆକାଶବାଣୀ କେନ୍ଦ୍ରର ପ୍ରତିଷ୍ଠାତା ଭାବେ ସେ ଚ଼ିରପରିଚ଼ିତ । ବାରବାଟୀ ଷ୍ଟାଡିଅମ ନିର୍ମାଣରେ ତାଙ୍କର ମୁଖ୍ୟ ଭୂମିକା ରହିଥିଲା । ଓଡିଶାର ରାଜଧାନୀ କଟକରୁ ଭୁବନେଶ୍ୱରକୁ ସ୍ଥାନନ୍ତରିତ କରିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା । ଡ଼କ୍ଟର ହରେକୃଷ୍ଣ ମହତାବ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଐତିହାସିକ ଆଦର୍ଶ ମୁଖ୍ୟମନ୍ତ୍ରୀ, ସାହିତ୍ୟପ୍ରେମୀ, ସମ୍ପାଦକ, ଦକ୍ଷ ପ୍ରଶାସକ ଏବଂ ସର୍ବଗୁଣସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ । ରାଜନୀତିର ସଂକୀର୍ଣ୍ଣ ସୀମାକୁ ଅତିକ୍ରମ କରି ଜଣେ ରାଷ୍ଟ୍ରପୁରୁଷ, ମହାନ ଜନନାୟକ ଭାବରେ ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ । ସଂଘର୍ଷ ମଧ୍ୟ ଦେଇ ତାଙ୍କର ବ୍ୟକ୍ତିତ୍ୱ ଗଢି ଉଠିଥିବାରୁ ସେ ଥିଲେ ଯଥାର୍ଥରେ ବୀରପୁରୁଷ ଓ ନିର୍ଭୀକ । ନବ ଉତ୍କଳର ଅନେକ ପ୍ରଥମଙ୍କ ଭିତରେ ସେ ପ୍ରଥମ । ଓଡିଶାକୁ ସର୍ବଭାରତୀୟ ସ୍ତରରେ ପ୍ରତିଷ୍ଠିତ କରାଇବା ତାଙ୍କ ଜୀବନର ପରମ ଲକ୍ଷ୍ୟ ଥିଲା । ତେଣୁ ଆଧୁନିକ ଓଡିଶାର ସଂସ୍କୃତି ଓ ରାଜନୀତି ଉପରେ ତାଙ୍କର ସାଧନା କାଳକୁ ମହତାବ- ଯୁଗ କହିଲେ ଅତ୍ୟୁକ୍ତି ହେବନାହିଁ । ଗଣତନ୍ତ୍ରକୁ କଳଙ୍କମୁକ୍ତ କରିବା ଓ ରାଜନୀତିକୁ ନିଷ୍ଠାପର ଭାବରେ ଲୋକାଭିମୁଖୀ କରାଇବା, ସମାଜରୁ ଯାବତୀୟ ଜଡ଼ତା ଓ କୁସଂସ୍କାରକୁ ଦୂରେଇ ଦେବା, ସାହିତ୍ୟକୁ ସମାଜ ଅଭିମୁଖୀ କରାଇବା ଏପରି ଅନେକ ଉଲ୍ଲେଖନୀୟ ସଂସ୍କାରମୂଳକ କାର୍ଯ୍ୟକ୍ରମ ଭିତରେ ସେ ନିଜକୁ ଅବିରତ କର୍ମମୁଖର କରି ରଖିଥିଲେ ।

ହରେକୃଷ୍ଣ ମହତାବ ଏପରି ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ଆଦର୍ଶ ରାଜନେତା ଯିଏ ବାରମ୍ବାର ଜେଲ ଯାଇ ମଧ୍ୟ ଭାଙ୍ଗିପଡି ନାହାନ୍ତି । ଘାତ ପ୍ରତିଘାତ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ଦେଇ ସେ ଗତି କରିଛନ୍ତି । ତାଙ୍କ ବିରୋଧରେ ଅନେକ ଷଡ଼ଯନ୍ତ୍ର କରାଯାଇଛି, କମିଶନ ବସାଯାଇଛି କିନ୍ତୁ ସେ ସାହସର ସହିତ ମହାଭାରତର ଅଭିମନ୍ୟୁ ପରି ଏକାକୀ ତାର ମୁକାବିଲା କରିଛନ୍ତି । ରାଜନୀତି ଓ ପ୍ରଶାସନର ଘୂର୍ଣ୍ଣି ଭିତରେ ଜୀବନ ଅତିବାହିତ କରି ମଧ୍ୟ ସେ ବାଛି ନେଇଥିଲେ ସାହିତ୍ୟ ଓ ସାମ୍ବାଦିକତାକୁ । ଉଭୟକୁ ସେ ସମାଜ ଓ ରାଷ୍ଟ୍ର ଗଠନରେ ଦୁଇଟି ଅବ୍ୟର୍ଥ ଅସ୍ତ୍ର ରୂପେ ବିବେଚ଼ନା କରୁଥିଲେ । ଅସହଯୋଗ ଆନ୍ଦୋଳନ, କନିକା ରାଜ ଅତ୍ୟାଚ଼ାର ଓ ଲବଣ ସତ୍ୟାଗ୍ରହ ଏହି ଘଡିସନ୍ଧି ମୁହଁର୍ତରେ ପ୍ରଜାତନ୍ତ୍ର ଖବରକାଗଜ ହୋଇଥିଲା ଜନଜାଗରଣର ଏକ ବଳିଷ୍ଠ ମାଧ୍ୟମ । ' ଗାଁ ମଜଲିସ୍' ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ପରିପକ୍ୱ ଚ଼ିନ୍ତା ଓ ଚେତନାର ସାବଲୀଳ ପରିପ୍ରକାଶ । ୧୯୫୦ମସିହାରୁ ୧୯୮୬ମସିହା ପ୍ରଯ୍ୟନ୍ତ 'ପ୍ରଜାତନ୍ତ୍ର' ପୃଷ୍ଠାମଣ୍ଡନ କରି ଏହା ଓଡିଶାର କୋଣ ଅନୁକୋଣରେ ଜନସାଧାରଣଙ୍କ ନିକଟରେ ପ୍ରିୟଭାଜନ ହୋଇପାରିଥିଲା । ସାମାଜିକ ରାଜନୀତିକ,ପ୍ରଶାସନିକ, ସାଂସ୍କୃତିକ, ଆର୍ଥନୀତିକ, ରାଷ୍ଟ୍ରୀୟ,ଧର୍ମୀୟ, କୃଷି, କୁସଂସ୍କାର ଏହିପରି ଅନେକ ସମସ୍ୟା ଏବଂ ତାର ସରଳ ସମାଧାନ ଓ ସେଥିରେ ସାଧାରଣ ଲୋକଙ୍କ ଭୂମିକାକୁ ଡ଼କ୍ଟର ହରେକୃଷ୍ଣ ମହତାବ ଏପରି ସୁନ୍ଦର ଭାବରେ ପରିସ୍ଫୁଟନ କରିଥିଲେ , ଯାହା ଚ଼ଳିତ ଚ଼ାରି ଦଶନ୍ଧି ଧରି ହୋଇଯାଇଛି ଏକ ଧାରାବାହିକ ଇତିହାସ । ଏକବିଂଶ ଶତାବ୍ଦୀର ସମସ୍ତ ରାଜନେତା କାଦୁଅଫିଙ୍ଗା ଶସ୍ତା ରାଜନୀତି ଏବଂ ନିଜର କ୍ଷମତା ଲାଳସାରୁ ନିବୃତ ରହି ମହାନ ରାଜନେତା ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ଜୀବନ ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାର ସମୟ ଆସିଛି, ଯାହା ଫଳରେ ଆମ ରାଜ୍ୟ ତଥା ରାଷ୍ଟ୍ର ବିଶ୍ୱର ସର୍ବଶେଷ୍ଠ ରୂପେ ପରିଗଣିତ ହେବ ।

ଗୋପାଳପୁର, ବାଲେଶ୍ୱର
ମୋ:୭୦୨୦୬୧୧୩୦୦

# ମୋ ଅନୁଭୂତିରେ ଜୁଡ଼ା ଧର୍ମ

ବସରେ ଓ ଟ୍ରେନରେ ଯାତ୍ରାକଲେ ଅନେକ ସୁଖଦ ଅନୁଭୂତି ହୋଇଥାଏ । ହେଲେ ଥରେ ମୋର ପୁଅ ବିଦେଶ ଯାତ୍ରା ପାଇଁ ଉଡାଜାହାଜରେ ଯିବା ପାଇଁ ଟିକେଟ କରିଥିଲା । ଉଡାଜାହାଜଟି ଉପରକୁ ଉଠି ଯିବା ପରେ ଆକାଶରେ ସ୍ଥିର ହୋଇ ଉଡିବାକୁ ଲାଗିଲା । ମୋ ପାଖରେ ଧଳା ପୋଷାକ ପରହିତ ଜଣେ ବ୍ୟକ୍ତି ବସିଥିଲେ । ତାଙ୍କର ପୋଷାକରେ ଗୋଟିଏ ଷ୍ଟା[ରେ ସାତଟି ମହମବତୀ ଜଳୁଥିବା ପରି ଚିତ୍ର ଥିଲା । ମୁଁ ଦେଖିଲି ତାଙ୍କର ପକେଟରେ ଗୋଟିଏ ତ୍ରିଭୁଜ ଓ ତ୍ରିଭୁଜର ଉପରେ ଗୋଟିଏ ଓଲଟା ତ୍ରିଭୁଜ ଅଙ୍କା ହେବାପରି ଚିହ୍ନଟିଏ ଥିଲା । ଯାହାକି ଏକ ତାରା ପରି ଦେଖାଯାଉଥିଲା ।

ମୁଁ ତାଙ୍କୁ ପଚାରିଲି ତୁମେ କେଉଁ ଧର୍ମର । ସେ କହିଲେ ମୁଁ ଜୁଡ଼ା ସଂପ୍ରଦାୟର । ମୋର ଜୁଡ଼ା ଧର୍ମ ବିଷୟରେ କିଛି ଜ୍ଞାନ ନଥିଲା । ମୁଁ ତାଙ୍କୁ ପଚାରିଲି, ଜୁଡ଼ା ଗୋଟିଏ କି ଧର୍ମ । ସେ ମତେ ବୁଝାଇ କହିଲେ, ଖ୍ରୀଷ୍ଟ ଧର୍ମ ଓ ଇସଲାମ ଧର୍ମ ସେମିଟିକ ଧର୍ମ ସମୂହ ଅନ୍ତର୍ଗତ । ମୁଁ ପଚାରିଲି ସେମିଟିକ ଅର୍ଥ କ'ଣ ? ସେ କହିଲେ 'ଯେଉଁ ଧର୍ମମାନେ ବିଶ୍ୱାସ କରନ୍ତି ଯେ ଭଗବାନଙ୍କର ନିୟମାବଳୀ, ଭଗବାନଙ୍କ ପ୍ରେରିତ ଦୂତ ଦ୍ୱାରା ଆସିଥାଏ । ମୁଁ କହିଲି ଯେପରି ଭଗବାନଙ୍କ ଦୂତ ମହମ୍ମଦଙ୍କ ଦ୍ୱାରା ଇସଲାମ ଧର୍ମ ସୃଷ୍ଟି ହୋଇଛି ? ସେ କହିଲେ ହଁ । ମୁଁ ପଚାରିଲି ଜୁଡ଼ା ଧର୍ମର ଦେବଦୂତ କିଏ ? ସେ କହିଲେ ସେମ୍ ଯେକି ନୋହଙ୍କ ପୁତ୍ର ।'

ମୁଁ କହିଲି ଆମ ଭାରତୀୟମାନଙ୍କର ଧର୍ମଗ୍ରନ୍ଥ ଗୀତା । ତୁମ ମାନଙ୍କର ଧର୍ମ ଗ୍ରନ୍ଥ କ'ଣ ? ସେ କହିଲେ ଆମର ଧର୍ମଗ୍ରନ୍ଥ ହେଉଛି ବାଇବେଲ । ଭଦ୍ରବ୍ୟକ୍ତି ଜଣକ କହିଲେ ବାଇବେଲ ଦୁଇ ଭାଗରେ ବିଭକ୍ତ । ଯଥା ଓଲଡ଼ ଟେଷ୍ଟାମେ[ ଓ ନିଉ ଟେଷ୍ଟାମେ[ । ସେ ଉତ୍ସାହିତ ହୋଇ କହିଲେ ବାଇବେଲର ପ୍ରଥମ ଭାଗ ହେଉଛି ଓଲଡ଼ ଟେଷ୍ଟାମେ[ ସେଥିରେ ଜୀୟୁ ମାନଙ୍କର ଗଳ୍ପ ରହିଅଛି । ସେଥିରେ ଆବ୍ରାହମ ତାଙ୍କର ପୁତ୍ର ଇସାକ୍ ଓ ଅନ୍ୟାନ ମାନଙ୍କ ବିଷୟରେ ଲେଖା ଯାଇଅଛି ।

ସେ କହିଲେ ଇଜିପ୍ଟର ରାଜା ଫେରୋଜ ଜୀୟୁ ମାନଙ୍କୁ ବନ୍ଦୀ କରି ରଖି ଶାରୀରିକ ଓ ମାନସିକ ଯନ୍ତ୍ରଣା



ଅନୀତା ପଟ୍ଟନାୟକ

ଦେଉଥିଲେ । ଥରେ ମୋଜେସ ସିନାଇ ପର୍ବର ଏକ ବୁଦାମୂଳକୁ ଯାଇଥିଲେ, ଯାହାକି ସବୁବେଳେ ଜଳୁଥିଲା । ସେଠାରେ ମୋଜେସ ଭଗବାନଙ୍କ ଶବ୍ଦ ଶୁଣିଥିଲେ । ଭଗବାନ ତାଙ୍କୁ କହିଥିଲେ ତୁମେ ଜୀୟୁ ମାନଙ୍କର ଅଗ୍ରଦୂତ ହୁଅ । ସେମାନଙ୍କୁ ବନ୍ଧନରୁ ମୁକ୍ତକର । ମୋଜେସ୍ ଭଗବାନଙ୍କୁ ପଚାରିଲେ ତୁମ ନାଁ କ'ଣ ? ଭଗବାନ କହିଥିଲେ 'ମୁଁ ହେଉଛି ସେ' । ବହୁତ କଷ୍ଟରେ ଜୀୟୁମାନେ ଇଜିପ୍ଟରୁ ମୁକ୍ତ ହୋଇଥିଲେ । ମୁକ୍ତ ହେବାର ମାସେ ପରେ ସେ ସିନାଇ ପର୍ବତକୁ ଯାଇଥିଲେ । ମୋଜେସ ଯେଉଁଠାରେ ଭଗବାନଙ୍କ ଶବ୍ଦ ଶୁଣିଥିଲେ ସେଠାକୁ ଗଲେ । ଭଗବାନ ତାଙ୍କୁ ଦୁଇ ଖଣ୍ଡ ପଥର ଦେଇଥିଲେ । ଯେଉଁଠାରେ ୧୦ଟି ନିୟମାବଳୀ ଖୋଦିତ ହୋଇଥିଲା । ମୋଜେସ ଜୀୟୁ ମାନଙ୍କୁ ଇସ୍ରାଏଲ ନେଇ ଆସିଲେ ଓ ସେଠାରେ ମୋଜେସ ଶେଷ ନିଶ୍ୱାସ ତ୍ୟାଗ କଲେ । ଏହାପରେ ଜୋସୁଆ ସେମାନଙ୍କୁ ପଥ ଦେଖାଇଲେ । ମୋର ଉତ୍ସାହ ବଢ଼ିଗଲା ମୁଁ ପଚାରିଲି ଜୁଡ଼ା ଧର୍ମର ଦୁଇଟି ନିୟମାବଳୀ କ'ଣ ? ସେ କହିଲେ – ୧. ମୁଁ ତୁମର ଭଗବାନ । ତୁମକୁ ଇଜିପ୍ଟର ଜମିର ବନ୍ଧନରୁ ମୁକ୍ତ କରିଛି । ୨. ତୁମେ ଅନ୍ୟ କୌଣସି ଠାକୁରଙ୍କୁ ପୂଜା କରିବ ନାହିଁ । ୩. ଭଗବାନଙ୍କୁ ଭଲ ପାଉଥିବା ବ୍ୟକ୍ତିଙ୍କୁ ତୁମେ ଦୟା ଚକ୍ଷୁରେ ଦେଖିବ ଓ ଭଗବାନଙ୍କ ନିୟମାବଳୀକୁ ମାନିବ । ୪. ବୃଥାରେ ଭଗବାନଙ୍କ ନାମ ନେବ ନାହିଁ । ୫. ଛଅ ଦିନ କଠିନ ପରିଶ୍ରମ କର, ସପ୍ତମ ଦିନ ହେଉଛି 'ସାବାତ୍' । ଭଗବାନ, ମନୁଷ୍ୟ ଓ ପଶୁ ବିଶ୍ରାମ ନିଅନ୍ତି । ୬. ନିଜର ବାପା ମାଆଙ୍କୁ ସମ୍ମାନ ଦିଅ । ୭. କାହାକୁ ହତ୍ୟା କରନାହିଁ । ୮. କାହାକୁ ଠକ ନାହିଁ । ୯. ଚୋରି କର ନାହିଁ । ୧୦.ତୁମେ ପଡ଼ୋଶୀର ମିଛ ସାକ୍ଷୀ ହୁଅ ନାହିଁ କିମ୍ବା ତାର ଧନ ହଡ଼ପ କରନାହିଁ ।

ମୁଁ ତାକୁ ପଚାରିଲେ ତୁମ ଧର୍ମରେ ଭଗବାନ କେତେ ଜଣ ? ସେ କହିଲେ ଜଣେ । ସେ କହିଲେ ତୋହା ନାମକ ବହି ଜୀଉ ମାନଙ୍କ ଆଇନ ଶୃଙ୍ଖଳା ବିଷୟରେ ଲେଖାଯାଇଛି । ସେ ବହିଟି ଏବେ ତାଲମୁଦ ନମରେ ନାମିତ ହୋଇଛି । ମୁଁ ପଚାରିଲି ଜୀଉ ମାନଙ୍କର ଭାଷା କ'ଣ ? ସେ କହିଥିଲେ ହିବ୍ରୁ । ମୁଁ ପଚାରିଲି ଆମର ଯେପରି ମନ୍ଦିର ଅଛି ତୁମର କ'ଣ ଅଛି । ସେ କହିଥିଲେ 'ସାଇନାପଗ୍' ଓ ଧର୍ମ ପ୍ରଚାରକଙ୍କୁ କୁହାଯାବ ରବି । ସେ ଉଡ଼ାଜାହାଜରେ ମତେ ଗୋଟିଏ ସାତ ମହମବତୀ ଥିବା ଚିହ୍ନ ଫଟୋଟିଏ ଦେଇଥିଲେ । ମୁଁ ତାଙ୍କୁ ଜଗନ୍ନାଥଙ୍କ ଫଟୋଟିଏ ଦେଇଥିଲି ।

*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ଖେଳ ପର୍ଯ୍ୟବେକ୍ଷକ



# ଏକ୍ସଫର୍ମଏଆଇ ଉନ୍ମୋଚନ କଲା ଭାରତର ପ୍ରଥମ ଅନ୍-ଡିଭାଇସ୍ କୋଡିଂ ଖଖଗ ଆ୍ୟାପ୍ Xformcoder*

ଭୁବନେଶ୍ୱର, (ପି.ଏନ): ମୋବାଇଲ୍ ଏଆଇ ଇନୋଭେସନରେ ଏକ ଐତିହାସିକ ମିଳକ ରୂପେ, ଓଡିଶାରେ ସ୍ଥାପିତ ଏକ ଡିପ୍-ଟେକ୍ ଷ୍ଟାର୍ଟଅପ୍ XformAଓ ଗର୍ବର ସହିତ ଉନ୍ମୋଚନ କରିଛି *Xformcoder* — Androସ୍ୟ ପାଇଁ ବିକାଶ ହୋଇଥିବା ପୂର୍ଣ୍ଣ ଅନ୍-ଡିଭାଇସ୍ କୋଡିଂ Large Language Model (LLM) ଆ୍ୟାପ୍।



ଏହି ଇନୋଭେସନର ମୁଳ ଦୃଷ୍ଟିକୋଣ ହେଉଛି ଏଆଇ ଟୁଲ୍ସଡିକୁ ପ୍ରାଇଭେଟ୍, ଦ୍ରୁତ ଓ ଉପଲବ୍ଧ କରାଇବା — ଏହା ସବୁ କିଛି ଇ ରନେଟ୍ ଛାଡି ହେବ, ଯାହା ଦ୍ୱାରା କୋର୍ଡ, ଛାତ୍ରଛାତ୍ରୀ ଓ ଟେକ୍ କ୍ରିଏଟରମାନେ ସିଧାସଳଖ ତାଙ୍କର ମୋବାଇଲ୍ ଡିଭାଇସ୍ ଠାରୁ ଲାଭ ଉଠାଇପାରିବେ।

Xformcoder ଏକ ବଡ଼ ମାଇଲ୍ଷ୍ଟୋନଯାହା ଡିଭେଲପର୍, ଶିକ୍ଷାର୍ଥୀ ଓ ପ୍ରଫେସନାଲ୍ମାନଙ୍କୁ ଦେଉଛି ରିଅଲ୍-ଟାଇମ୍, ପ୍ରାଇଭେଟ୍ ଓ ହାଇ-ପର୍ଫର୍ମାନ୍ସ କୋଡ୍ ଜେନେରେସନ୍ ସାହାଯ୍ୟ — ସେଥିରେ କୌଣସି ଇ ରନେଟ୍ ଦରକାର ନାହିଁ। Qwen-୩ ର ଏକ ଫାଇନ୍-ଟ୍ୟୁନ୍ ଭାର୍ସନ୍ ଦ୍ୱାରା ଚଳିତ, ଏହି ଆ୍ୟାପ୍ ଅଫଲାଇନ୍ ଖଖଗ ସଭଲରକ୍ସରଭମର ସହିତ ଆରମ୍ଭିକ ଅନ୍-ଡିଭାଇସ୍ *RAG (Retrieval-Augmented Generation)* ସ୍କିଲ୍ ପ୍ରଦର୍ଶନ କରିଛି।



ଏହି ଉନ୍ମୋଚନ ପଛରେ ଅଛନ୍ତି ଦୁଇଜଣ ଉତ୍ସାହୀ ଏଆଇ ଇନୋଭେଟର୍ — ଋଜିଗ୍ୟାଂଶା ଜୀବନ ରାଉତ (Founder & CEO)* ଓ *ଅମ୍ଲାନ ଅନୁରାଗ (Founder & CTO)* — ଯେଉଁମାନେ ମୋବାଇଲ୍ ଉପରେ ଗୋପନୀୟତା କେନ୍ଦ୍ରିତ, ଏଜ୍-ନେଟିଭ୍ ଏଆଇ ଟୁଲ୍ ତିଆରି କରିବାକୁ ଲକ୍ଷ୍ୟ ରଖିଛନ୍ତି।

*ହାର୍ଦିକ ହୋତା*, ଏକ Kotlin ବିକାଶକାରୀ: ଉପଯୋଗକ ା ଇ ରଫେସ୍ ଡିଜାଇନ୍ ଓ ଟେଷ୍ଟିଂ ଓ୍ୱାର୍କଫ୍ଲୋରେ ବେଶ କଂଟ୍ରିବ୍ୟୁସନ୍ କରିଛନ୍ତି — ଗୋଟିଏ ଉଦୀୟମାନ ତାରା ଯିଏ ଖୋଲା ଓ ସହଯୋଗପୂର୍ଣ୍ଣ ଏଆଇ ବିକାଶ ଦୃଷ୍ଟିଭାଙ୍ଗୀକୁ ପ୍ରତିବିମ୍ବିତ କରେ।

*"ଆମ ମିଶନ୍ ସ୍ପଷ୍ଟ — ଶକ୍ତିଶାଳୀ ଏଆଇକୁ ବ୍ୟବହାରକାରୀଙ୍କ ସମୀପକୁ ଆଣିବା ଓ କେବେ ଗୋପନୀୟତାରେ ସମ୍ମତି ନ ଦେବା। Xformcoder ଏହି ଲକ୍ଷ୍ୟକୁ ପୂରଣ କରେ, ଓ ଏହା ମାତ୍ର ଆରମ୍ଭ।"*

— ଜିଗ୍ୟାଂଶା ଜୀବନ ରାଉତ, CEO

*"ଆମେ ଗୋଟିଏ ଅନ୍ୟ ଚାଟବଟ୍ ତିଆରି କରୁନାହିଁ। ଆମେ ଏମିତି ଏକ ଭବିଷ୍ୟତ ତିଆରି କରୁଛୁ — ଯେଉଁଠାରେ ଏଆଇ ନେଟିଭ୍ କୋଡିଂ ହେବ ସୁରକ୍ଷିତ, ଅଫଲାଇନ୍ ଓ ବ୍ୟକ୍ତିଗତ।"*

— ଅମ୍ଲାନ ଅନୁରାଗ, CTO

# ଶ୍ରୀ ସୁଦର୍ଶନ ଦାରୁ ପୀଠରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ



ବାଲିଅନ୍ତା: (ପି.ଏନ): ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଉମାଦେଇ ବ୍ରହ୍ମପୁର ଗ୍ରାମପଞ୍ଚାୟତର ହୀରାପୁର ଗଡକଣ୍ଟୁନ୍ତୁଣିଆ ନିକଟରେ ଥିବ ସୁଦର୍ଶନ ଦାରୁ ନିକଟରେ ପରିବେଶ ଭିତ୍ତିକ ସାମାଜିକ ଅନୁଷ୍ଠାନ ଉତ୍କଳ ଜୟଦେବ ଫାଉଣ୍ଡେସନ, ନ୍ୟୁ ଭାର୍ଗବୀ ଫାଉଣ୍ଡେସନ ମିଳିତ ସହଯୋଗରେ ମା ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ୧୦ ଗୋଟି ନଡିଆ ଚାରା ରୋପଣ କରାଯାଇଥିଲା । ପ୍ରଥମେ ଅତିଥିମାନେ ବାଳକାଟି ବଜାର ଅଟୋ ଷ୍ଟାଣ୍ଡ ନିକଟରେ ଥିବା ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ପରେ ପରେ ଶତାଧିକ ବିଜେପି କର୍ମୀ ବାଳକାଟି ବଜାରରେ ବାଜା ଓ ଘଣ୍ଟ ଧ୍ୱନିରେ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ସ୍ଲୋଗାନ ପକାଇ ପୂର୍ବତନ ବାଚସ୍ପତି ସତ୍ୟପ୍ରିୟ ମହାନ୍ତିଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିଥିଲେ । ସେଠାରୁ ବାହାରି ସୁଦର୍ଶନ ଦାରୁ ନିକଟରେ ଉତ୍କଳ ଜୟଦେବ ଅଧକ୍ଷ ପ୍ରଦୀପ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ମନ୍ତ୍ରୀ ଡ ଅରବିନ୍ଦ ଢ଼ାଲି, ସମ୍ମାନୀତ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାରତୀୟ ଜନତା ଯୁବ ମୋର୍ଚ୍ଚା ର ଭୁବନେଶ୍ୱର ଜିଲ୍ଲାର ସଭାପତି ସ୍ୱୟଂ ସେବକ ରାୟ,ଯୁବସମାଜସେବୀ ସୁବ୍ରତ ମହାନ୍ତି, ନିଉ ଭାର୍ଗବୀ ଫାଉଣ୍ଡେସନ ର ଅଧକ୍ଷ ଜଗମୋହନ ସେଠୀ,ଉମାଦେଇ ବ୍ରହ୍ମପୁର ପଂଚାୟତର ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ଝିଲି ସାମନ୍ତରାୟ, ଜଗନ୍ନାଥ ବେହେରା, ପ୍ରଶାନ୍ତ ଆଦିତ୍ୟ ପାତ୍ର, ସଞ୍ଜୟ ତ୍ରିପାଠୀ,ପ୍ରିୟବ୍ରତ ପାତ୍ର , ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, କେକୁ ଚରଣ ସାହୁ , ସହଦେବ ସ୍ୱାଇଁ ଓ ଲକ୍ଷ୍ମଣ ଜେନା ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ

# ଚାକିରୀ ସର୍ତ୍ତାବଳୀ ସହ ପେନସନ ଦାବୀରେ ୬୬୨ କଲେଜ ସଙ୍ଘର ବିକ୍ଷୋଭ ଓ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ

ଜଗତସିଂହପୁର, (ପି ଏନ) , ୬୬୨ +୨ ଓ +୩ ମହାବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀ ସଙ୍ଘ ଚାକିରୀ ସର୍ତ୍ତାବଳୀ ସହ ପେନସନ ଦାବୀରେ ଆଦିକବି ଶାରଳା ଦାସ ସଂସ୍କୃତି ଭବନ ଠାରୁ ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ରା ମାଧ୍ୟମରେ ବଜାର ପରିକ୍ରମା କରି ଜିଲାପାଳ କାର୍ଯ୍ୟାଳୟ ରେ ପହଞ୍ଚିଥିଲା।ପ୍ରଶାସନ ଓ ସରକାରୀ ଅବ୍ୟବସ୍ଥାର ଟାଳଟୁଳ ନୀତିକୁ ବିରୋଧ କରି ସ୍ଲୋଗାନମାନ ଦିଆଯାଇଥିଲା। ଏହି ମର୍ମରେ ଏକ ଦାବିପତ୍ର ୬୬୨ ଜଗତସିଂହପୁର ଜିଲ୍ଲା କଲେଜ ସଂଘ ଜିଲ୍ଲାପାଳଙ୍କ ମାଧ୍ୟମରେ ମାନ୍ୟବର ପ୍ରଧାନମନ୍ତ୍ରୀ ,ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ପରେ ୬୬୨ ବର୍ଗ କଲେଜ ସଂଘ ସଭାପତି ସୁକାନ୍ତ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଯଦି ରାଜ୍ୟ ସରକାର ସଂଘ ସହିତ ପୁନଃ ଟାଳଟୁଳ ନୀତି ପ୍ରଦର୍ଶନ କରି ସମାଧାନର ବାଟ ବାହାର ନକରନ୍ତି ତେବେ ଅଗଷ୍ଟ ୧୬ ତାରିଖରେ ଭୁବନେଶ୍ୱର ଗାନ୍ଧୀମାର୍ଗରେ ମହାଆନ୍ଦୋଳନ କରାଯାଇ ଜିଲ୍ଲାର ୬୬୨ବର୍ଗ ର ସମସ୍ତ କଲେଜ ବନ୍ଦ ରହିବ ଓ ଆନ୍ଦୋଳନରେ ସମସ୍ତେ ସାମିଲ ହେବେ ବୋଲି ମତପ୍ରକାଶ ପାଇଥିଲା। ଆଜିର ଏହି ଆନ୍ଦୋଳନ ରେ ଜଗତସିଂହପୁର ଜିଲ୍ଲା ୬୬୨ ସଂଘ ସାଧାରଣ ସମ୍ପାଦକ ଡକ୍ଟର ସୁଧୀର କୁମାର ମହାନ୍ତି, ଡ଼ଃ ଭାରତୀ ବେହେରା, ଡଃ ବନପ୍ରଭା ପରିଡା,ଦୁର୍ଗା ପ୍ରସାଦ ମହାନ୍ତି, ଆଶିଷ ମହାପାତ୍ର, ଦିଲ୍ଲୀପ ଆଚାର୍ଯ୍ୟ, ସସ୍ମିତା ଦାସ,ରିତା ମିଶ୍ର, ପ୍ରତାପ ମିଶ୍ର, ରବୀନ୍ଦ୍ର କାନୁନଗୋ,ସୁଦର୍ଶନ ନାୟକ, ଦିଲୀପ ନନ୍ଦ ,ତୁଷାର ଶିଖର ସ୍ୱାଇଁ,ସନ୍ତୋଷ କୁମାର କାନୁନଗୋ, ନିରଞ୍ଜନ ସାମନ୍ତସିଂହାର ପ୍ରମୁଖ ଯୋଗ ଦେଇଥିଲେ।

## ୩ ଘରୋଇ ବ୍ୟାଙ୍କକୁ ସରକାରୀ ବ୍ୟାନ୍

ଭୁବନେଶ୍ୱର,(ପି.ଏନ): ଦେଶର ୩ଟି ପ୍ରମୁଖ ଘରୋଇ ବ୍ୟାଙ୍କ ସହ ସମସ୍ତ ପ୍ରକାରର ବ୍ୟବସାୟିକ କାରବାର ବନ୍ଦ କରିବା ନିମନ୍ତେ ନିଷ୍ପତ୍ତି ନେଇଥିବା ରାଜ୍ୟ ସରକାର ଆଜି ୟୁ-ଟର୍ଣ୍ଣ ନେଇଛନ୍ତି । ନିଜ ନିଷ୍ପତ୍ତିର ୩ଦିନ ନପୁରୁଣୁ ମଙ୍ଗଳବାର ଏକ ସ୍ପଷ୍ଟୀକରଣ ଜାରି କରି କିଛି ନିର୍ଦ୍ଦିଷ୍ଟ ବ୍ୟବସାୟିକ କାରବାର ଜାରି ରହିବ ବୋଲି କହିଛନ୍ତି । ରାଜ୍ୟ ଅର୍ଥ ସଚିବ ଶାଶ୍ୱତ ମିଶ୍ରଙ୍କ ଜୁନ୍ ୨୧ତାରିଖର ନିର୍ଦ୍ଦେଶନାମା ଓ ୨୪ତାରିଖର ନିର୍ଦ୍ଦେଶନାମାକୁ ନେଇ ଏବେ ପାୱାର କରିଡରରେ ଚର୍ଚ୍ଚା ।

କ'ଣ ସ୍ପଷ୍ଟୀକରଣ ଦେଲା ଅର୍ଥ ବିଭାଗ

ଅର୍ଥ ବିଭାଗର ସ୍ପଷ୍ଟୀକରଣ ଅନୁସାରେ, ଘରୋଇ ବ୍ୟାଙ୍କ ଏଚ୍‌ଡିଏଫସି, ଆଇସିସିଆଇ ଓ ଆକ୍ସିସ ବ୍ୟାଙ୍କ ସହ ରାଜ୍ୟ ସରକାର କେତେକ ନିର୍ଦ୍ଦିଷ୍ଟ କାରବାର ଜାରି ରଖିବେ ।

# ସୁପରକଏନ ସହିତ ସପିଂକୁ ନୂଆ ରୂପ ଦେଉଛି ଫ୍ଲିପକାର୍ଟ 'ପ୍ଲସ୍' କାର୍ଯ୍ୟକ୍ରମ

ବାଲେଶ୍ୱର/ ଛତ୍ରପୁର,(ପି.ଏନ) : ଭାରତର ଘରୋଇ ଇ-କମର୍ସ ବଜାର, ଫ୍ଲିପକାର୍ଟ ଏହାର ଅପଗ୍ରେଡେଡ୍ ଲୟାଲ୍ଟି ପ୍ରୋଗ୍ରାମ୍ 'ଫ୍ଲିପକାର୍ଟ ପ୍ଲସ୍' ଉନ୍ମୋଚନ କରିଛି । ଏହା ଉନ୍ନତ ସଂଚୟ ଏବଂ ସପିଂ ସୁବିଧା ପ୍ରଦାନ କରୁଛି ଯାହା ଗ୍ରାହକମାନଙ୍କୁ ସ୍ମାର୍ଟ ଭାବରେ ସପିଂ କରିବାକୁ ସକ୍ଷମ କରିଥାଏ। କାର୍ଯ୍ୟକ୍ରମର ମୂଳରେ ରହିଛି ସୁପରକଏନ୍, ଯାହା ହେଉଛି ପୁରସ୍କାର ମୁଦ୍ରା ଯାହା ପ୍ରଥମ ଥର ପାଇଁ ସମସ୍ତ ଫ୍ଲିପକାର୍ଟ ଉତ୍ପାଦରେ ଅତିରିକ୍ତ ୫% ରିହାତି ପ୍ରଦାନ କରୁଛି। ଏହି କାର୍ଯ୍ୟକ୍ରମ ଅତିରିକ୍ତ ବ୍ୟାଙ୍କ ଅଫର, ସମସ୍ତ ପ୍ରମୁଖ ସପିଂ ଇଭେଂଟ ପାଇଁ ସ୍ୱତନ୍ତ୍ର ଉପଲବ୍ଧତା ଏବଂ ଅର୍ଡର ପରବର୍ତ୍ତୀ ସରପ୍ରାଇଜ 'ଟ୍ରିଟ୍ସ' (ଯେପରିକି ଗିଫ୍ଟ କାର୍ଡ ଏବଂ କୁପନ୍) ଭଳି ସୁବିଧା ପ୍ରଦାନ କରି ଗ୍ରାହକଙ୍କୁ ସିଧାସଳଖ ପୁରସ୍କୃତ କରୁଛି। ଫ୍ଲିପକାର୍ଟ ପ୍ଲସ ଏହାର ବିଶ୍ୱସ୍ତ ଗ୍ରାହକମାନଙ୍କୁ ସଦସ୍ୟତା ଶୁଳ୍କ ଚାର୍ଜ ନକରି ବିଭିନ୍ନ ସୁବିଧା ପ୍ରଦାନ କରୁଛି। ପ୍ରତ୍ୟେକ ଅର୍ଡରରେ ଅର୍ଜିତ ସୁପରକଏନ (୧ ସୁପରକଏନ =୧ଟଙ୍କାର ସଂଚୟ) ଏବଂ ସମଗ୍ର ଚୟନରେ ସେଗୁଡ଼ିକୁ ରିଡିମ୍ କରିବାର କ୍ଷମତା ସହିତ, ଫ୍ଲିପକାର୍ଟ ପ୍ଲସ ସଂଚୟକୁ ସରଳ ଏବଂ ସୁଗମ କରୁଛି। ପ୍ଲସ ସଦସ୍ୟମାନେ ବିଶେଷ ବ୍ୟାଙ୍କ ଅଫର ସହିତ ସମସ୍ତ ବଡ଼ ଫ୍ଲିପକାର୍ଟ ସପିଂ ଇଭେଂଟଗୁଡ଼ିକର ଶୀଘ୍ର ପହଂଚ ପାଇବେ। ସେମାନେ ସପିଂ ମାଇଲଖୁଂଟ ହାସଲ କରିବା ସହିତ ଆଶ୍ଚର୍ଯ୍ୟଜନକ ଟ୍ରିଟ୍ (ଗିଫ୍ଟ କାର୍ଡ, କୁପନ୍ ଏବଂ ୫୦ଟଙ୍କା + ମୂଲ୍ୟର ଅଧିକ) ମଧ୍ୟ ଅନଲକ୍ କରିପାରିବେ। ଗ୍ରାହକମାନେ ୧୨ ମାସରେ ମାତ୍ର ୧୦ ଟି କାରବାର ସମାପ୍ତ କରି ଜଣେ ପ୍ଲସ ସିଲଭର ସଦସ୍ୟ ହୋଇପାରିବେ। ସେମାନେ ୨୦ ଟି କାରବାର ସମାପ୍ତ କରି ପ୍ଲସ ଗୋଲ୍ଡ ଅନଲକ୍ କରିପାରିବେ ଏବଂ ପ୍ରତ୍ୟେକ ଅର୍ଡରରେ ଅତିରିକ୍ତ ସୁପରକଏନ ଜିତିବା ସହିତ ପ୍ରାରମ୍ଭିକ ଆକସେସ ୱିଣ୍ଡୋ ସମୟରେ ଉଚ୍ଚତର ବ୍ୟାଙ୍କ ଅଫର ପାଇପାରିବେ। ଫ୍ଲିପକାର୍ଟ ପ୍ଲସ୍ କାର୍ଯ୍ୟକ୍ରମ ବିଷୟରେ ମତବ୍ୟକ୍ତ କରି ଫ୍ଲିପକାର୍ଟର ଲୟାଲିଟିର ଉପାଧ୍ୟକ୍ଷ ରାହତ ପଟେଲ କହିଛନ୍ତି, 'ଫ୍ଲିପକାର୍ଟ ପ୍ଲସ୍ ପ୍ରତ୍ୟେକ ଦିନ ଗ୍ରାହକଙ୍କୁ ଅତୁଳନୀୟ ମୂଲ୍ୟ ପ୍ରଦାନ କରିବାର ଲକ୍ଷ୍ୟ ରଖିଛି। ଆମର ସବୁଠାରୁ ନିୟୋଜିତ ଗ୍ରାହକ, ପ୍ଲସ୍ କାର୍ଯ୍ୟକ୍ରମର ଅଂଶ ଭାବେ ପ୍ରତ୍ୟେକ ଅର୍ଡରରେ ସୁପରକଏନ୍ ଅର୍ଜନ କରନ୍ତି। ଏହା ପରେ ଆମର ସମସ୍ତ ଉତ୍ପାଦରେ - ଦୈନନ୍ଦିନ ଅତ୍ୟାବଶ୍ୟକୀୟ ସାମଗ୍ରୀ ଏବଂ ଫ୍ୟାଶନ୍ ଠାରୁ ଆରମ୍ଭ କରି ଇଲେକ୍ଟ୍ରୋନିକ୍ସ ଏବଂ ତା'ଠାରୁ ଅଧିକ - ରିଡିମ୍ କରାଯାଇପାରିବ। ଫ୍ଲିପକାର୍ଟର ପ୍ରମୁଖ ସପିଂ ଇଭେଂଟ ସମୟରେ ପ୍ଲସ୍ ସଦସ୍ୟମାନେ 'ଅର୍ଲି ଆକ୍ସେସ୍' ୱିଣ୍ଡୋ ସମୟରେ ଅତିରିକ୍ତ ବ୍ୟାଙ୍କ ଅଫର୍ ଅନଲକ୍ କରନ୍ତି, ଯାହା ପ୍ରତ୍ୟେକ ସପିଂ ଉତ୍ସବକୁ ଅଧିକ ପୁରସ୍କାରପ୍ରଦ କରେ। କିଛି କ୍ରେତାଙ୍କ ପାଇଁ, ଆମେ 'ପ୍ଲସ ଟ୍ରିଟ୍ସ' ମାଧ୍ୟମରେ ଏକ ଛୋଟ ଆଶ୍ଚର୍ଯ୍ୟଜନକ ମୂଲ୍ୟ-ଅନଲକ୍ ମଧ୍ୟ ରଖିଛୁ।'

# ବାଞ୍ଛାବଟ ହାଇସ୍କୁଲ, ବଡବାଲିକୁଦା ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ



ଭୁବନେଶ୍ୱର,(ପି.ଏନ): ବାଞ୍ଛାବଟ ହାଇସ୍କୁଲ, ବଡବାଲିକୁଦା ର ୧୯୮୩ ମାଟ୍ରିକ ବ୍ୟାଚ୍ ର ଛାତ୍ର ଛାତ୍ରୀଙ୍କ ତରଫରୁ ଏକ ବନ୍ଧୁମିଳନ ଉତ୍ସବ ସ୍କୁଲ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ଦୀର୍ଘ ଦିନ ପରେ ବନ୍ଧୁ ମାନଙ୍କ ଭେଟ ଘାଟ ଖୁସି ର ମାହୋଲ ସୃଷ୍ଟି କରିଥିଲା । ଉକ୍ତ ଅବସରରେ ଏକ ସଭା ର ଆୟୋଜନ କରାଯାଇଥିଲା । ଅରୁଣ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପ୍ରାରମ୍ଭରେ ଗୁରୁ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ଦିବଂଗତ ଶିକ୍ଷକ ଓ ଛାତ୍ର ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ଉକ୍ତ ଉତ୍ସବରେ ଉପସ୍ଥିତ ପୂର୍ବତନ ଶିକ୍ଷକ ଡଃ ଭାଗ୍ୟଧର ସାହୁ ପୂର୍ବତନ ଛାତ୍ର, ଛକ୍ଷତ୍ରୀଙ୍କର ଏହିଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଭବିଷ୍ୟତରେ ଏହି କାର୍ଯ୍ୟକୁ ଆହୁରି ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ । ପୂର୍ବତନ ପ୍ରଧାନ ଶିକ୍ଷକ, ଶ୍ରୀଯୁକ୍ତ ଅର୍ଜୁନ ଚରଣ ଜେନା ସ୍କୁଲ ଗଠନ ରେ ପୂର୍ବତନ ଶିକ୍ଷକ ଓ ଛାତ୍ର ଛାତ୍ରୀ ମାନଙ୍କର ସଂଘର୍ଷମୟ କାହାଣୀ ଉପସ୍ଥାପନା କରିଥିଲେ । ସ୍କୁଲର ଗୌରମୟ ଇତିହାସ ବର୍ଣ୍ଣନା କରିଥିଲେ ପୂର୍ବତନ ଶିକ୍ଷକ, ତ୍ରିଲୋଚନ ଜେନା ଓ ବାବନ ଚନ୍ଦ୍ର ଦାସ । ପୂର୍ବତନ ଛାତ୍ର ରାହାସ ବିହାରୀ ଜେନା, ସଂଗ୍ରାମ କେଶରୀ ଜେନା, ତ୍ରୈଲୋକ୍ୟ ନାଥ ବିଶ୍ୱାଳ, ହଳଧର ଦାସ, ସୁବାସ ଚନ୍ଦ୍ର ରାୟ, ସୁଧୀର କୁମାର ବଳ, କୁଶଦେବ ସାହୁ, ବାବୁଲି ମଲ୍ଲିକ, ବାବନ ଚନ୍ଦ୍ର ଜେନା, ସୁଦର୍ଶନ ଜେନା, ନିରୁପମା ମହାରଣା, ରମେଶ ଚନ୍ଦ୍ର ବାରିକ, ବସନ୍ତ କୁମାର ସ୍ୱାଇଁ, ସରୋଜ ରାଉତ, ନଟବର ବେହେରା, ବୀଣାପାଣି ଜେନା, ପ୍ରବୀର କୁମାର ସାମଲ, ଗଙ୍ଗାଧର ପଣ୍ଡା ଆଦି ଅନେକ ଦଳମତ ର ଊର୍ଦ୍ଧ୍ୱ ରେ ରହି ଆଗାମୀ ଦିନରେ ସ୍କୁଲର ଉନ୍ନତି ପାଇଁ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ । ପରିଶେଷ ରେ ଏ ଉତ୍ସବର ସଫଳତା ପାଇଁ ଚିନ୍ମୟ ସାରଙ୍କୁ ଧନ୍ୟବାଦ ଦିଆଯାଇଥିଲା

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities



TUITION CLASSES for Std I to Std V Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray